visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.278, Bhubaneswar Thursday, December 19, 2019 | ୨୨ତମ ବର୍ଷ ସଂଖ୍ୟା–୨୭୮ ଭୁବନେଶ୍ୱର , ଗୁରୁବାର, ଡିସେମ୍ବର ୧୯, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


# ୨୦୧୯-୨୦ ବର୍ଷ ନିମନ୍ତେ ଖରିଫ ଧାନ ସଂଗ୍ରହ

- ଆଜିସୁଦ୍ଧା ୧୪୧୫୪୦ ଚାଷୀଙ୍କ ଠାରୁ ୯୬୧୧୦୨୪ କ୍ୱିଂଟାଲ ଧାନ ସଂଗ୍ରହ
- ଗତବର୍ଷ ଆଜି ଦିନ ତୁଳନାରେ ୪୩ ପ୍ରତିଶତ ଅଧିକ ଧାନ ସଂଗ୍ରହ

ଭୁବନେଶ୍ୱର, ୧୮।୧୨(ପି.ଏନ): ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୯-୨୦ ବର୍ଷ ନିମନ୍ତେ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ଆଜି ସୁଦ୍ଧା ୧ଲକ୍ଷ ୪୧ ହଜାର ୫୪୦ ଜଣ ଚାଷୀ ବିଭିନ୍ନ ଧାନ ସଂଗ୍ରହ କେନ୍ଦ୍ର ଜରିଆରେ ମୋଟ ୯୬ ଲକ୍ଷ ୧୧ହଜାର ୨୪କ୍ୱିଂଟଲ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଆଜି ତାରିଖ ତୁଳନାରେ ଧାନ ସଂଗ୍ରହ ୪୩ ପ୍ରତିଶତ ଅଧିକ ହୋଇଛି। ଧାନ ସଂଗ୍ରହ ନିମନ୍ତେ ଅନଲାଇନରେ ପଞ୍ଜୀକୃତ ଚାଷୀମାନଙ୍କୁ ପି-ପାସ୍ ଜରିଆରେ ଆଗୁଆ ଟୋକେନ୍ ପ୍ରଦାନ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ସୁଦ୍ଧା ୨୭ଟି ଜିଲ୍ଲାର ଚାଷୀମାନଙ୍କୁ ୩ଲକ୍ଷ ୭୭ହଜାର ୨୯୮ଟି ଟୋକେନ୍ ପ୍ରଦାନ କରଯାଇଛି। ଚଳିତ ଖରିଫ ଧାନସଂଗ୍ରହ କାର୍ଯ୍ୟକ୍ରମରେ ଆଜି ସୁଦ୍ଧା ଅଧିକ ଧାନସଂଗ୍ରହ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ବରଗଡ଼ ଜିଲ୍ଲାରେ ୫୨ହଜାର ୭୨୭ ଜଣ ଚାଷୀ ମୋଟ ୩୪ଲକ୍ଷ ୪୧ହଜାର ୯୪୦ କ୍ୱିଂଟାଲ ଧାନ ବିକ୍ରି କରିଥିବାବେଳେ ବଲାଙ୍ଗୀରର ୧୦ହଜାର ୫୪୭ ଜଣ ଚାଷୀ ୭ଲକ୍ଷ ୫୮ହଜାର ୨୯ କ୍ୱିଂଟାଲ, କଳାହାଣ୍ଡିର ୧୯ ହଜାର ୩୨୪ ଜଣ ଚାଷୀ ୧୩ଲକ୍ଷ ୩୮ହଜାର ୨୭୫ କ୍ୱିଂଟାଲ, ମାଲକାନଗିରିର ୧୦ହଜାର ୨୮୩ଜଣ ଚାଷୀ ୪ଲକ୍ଷ ୩୦ହଜାର ୭୯୦ କ୍ୱିଂଟାଲ, କୋରାପୁଟର ୬୭୭୧ ଜଣ ଚାଷୀ ୫ଲକ୍ଷ ୩୩ହଜାର ୪୪୨ କ୍ୱିଂଟାଲ, ନବରଙ୍ଗପୁରର ୩୮୫୩ଜଣ ଚାଷୀ ୩ଲକ୍ଷ ୧୬ହଜାର ୧୦୬ କ୍ୱିଂଟାଲ, ନୂଆପଡ଼ାର ୬୮୫୬ଜଣ ଚାଷୀ ୩ଲକ୍ଷ ୪୦ହଜାର ୩୦୭ କ୍ୱିଂଟାଲ, ସମ୍ବଲପୁରର ୧୨ହଜାର ୩୫୫ ଜଣ ଚାଷୀ ୧୦ଲକ୍ଷ ୯ହଜାର ୧୮୮ କ୍ୱିଂଟାଲ, ସୁବର୍ଣ୍ଣପୁରର ୧୧ ହଜାର ୨୪୨ ଜଣ ଚାଷୀ ୯ଲକ୍ଷ ୨୭ହଜାର ୬୩୬ କ୍ୱିଂଟାଲ ଓ ସୁନ୍ଦରଗଡ଼ ଜିଲ୍ଲାର ୨୨୫୮ଜଣ ଚାଷୀ ୧ଲକ୍ଷ ୫୦ହଜାର ୩୭୩ କ୍ୱିଂଟାଲ ଧାନ ବିକ୍ରି କରିଛନ୍ତି।

## ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ଅର୍ଥମନ୍ତ୍ରୀମାନଙ୍କ ସହିତ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ପ୍ରାକ ବଜେଟ ଆଲୋଚନା

ନୂଆଦିଲ୍ଲୀ, ୧୮।୧୨(ପି.ଏନ): ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ବିଭିନ୍ନ ରାଜ୍ୟ ଏବଂ ବିଧାନସଭା ଥିବା କେନ୍ଦ୍ର ଶାସିତ ପ୍ରଦେଶର ଅର୍ଥମନ୍ତ୍ରୀମାନଙ୍କ ସହିତ ପ୍ରାକ ବଜେଟ ଆଲୋଚନା କରିଛନ୍ତି। ଏହି ବୈଠକରେ ଗୋଆ, ହରିୟାଣା ଓ ପୁଡୁଚେରୀ ମୁଖ୍ୟମନ୍ତ୍ରୀଙ୍କ ସମେତ ବିହାର, ଦିଲ୍ଲୀ, ତାମିଲନାଡୁ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଏବଂ ୧୭ଟି ରାଜ୍ୟର ଅର୍ଥମନ୍ତ୍ରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ। ଏହାଛଡ଼ା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ 'ସହଯୋଗୀ ସଂଘବାଦ' ନୀତି ଏବଂ ଅର୍ଥବ୍ୟବସ୍ଥାର ସୁଧାର ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଶ୍ରୀମତୀ ସୀତାରମଣ ଆଲୋକପାତ କରିଥିଲେ। ମତବ୍ୟକ୍ତ କରିବା ଲାଗି ମିଳିଥିବା ସୁଯୋଗକୁ ରାଜ୍ୟ ସରକାରଙ୍କ ପ୍ରତିନିଧିମାନେ ସ୍ୱାଗତ ଜଣାଇବା ସହିତ ଅଭିବୃଦ୍ଧି, ନିବେଶ, ସମ୍ବଳ ଆବଶ୍ୟକତା ଓ ଆର୍ଥିକ ନୀତି ସମ୍ପର୍କରେ ପରାମର୍ଶ ଦେଇଥିଲେ। ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥା ଲକ୍ଷ୍ୟ ହାସଲ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଲାଗି ଜରୁରି ପଦକ୍ଷେପ ସମ୍ପର୍କରେ ମଧ୍ୟ ସେମାନେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକ ପକ୍ଷରୁ ଦିଆଯାଇଥିବା ପରାମର୍ଶକୁ ଅର୍ଥମନ୍ତ୍ରୀ ସ୍ୱାଗତ କରିଥିଲେ। ଏଥିସହିତ ସେମାନେ ଦେଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ।

## ବିଧାନସଭା ବାଚସ୍ପତିମାନଙ୍କର ସମ୍ମିଳନୀରେ ଯୋଗଦେଲେ ଡ. ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର, ୧୮।୧୨(ପି.ଏନ): ଉତରାଖଣ୍ଡ ବିଧାନସଭା ଆନୁକୂଲ୍ୟରେ ଡେରାଡୁନ୍‌ଠାରେ ଆୟୋଜିତ ୭୯ତମ ବିଧାନସଭା ବାଚସ୍ପତିମାନଙ୍କର ସମ୍ମିଳନୀରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇଛନ୍ତି । ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ।ଏହି ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ରାଜ୍ୟ ବିଧାନସଭାର ବାଚସ୍ପତିମାନେ ବିଧାନସଭା ପରିଚାଳନା ସଂପର୍କିତ ସେମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିଥିଲେ। ଆଲୋଚନାର ବିଷୟବସ୍ତୁ ଥିଲା 'ସଂସଦୀୟ ଗଣତନ୍ତ୍ରର ସଶକ୍ତିକରଣ ଓ ଶୂନ୍ୟକାଳ ପରି ଗୃହର ବ୍ୟବସ୍ଥା ଦ୍ୱାରା କ୍ଷମତା ବୃଦ୍ଧି' ଓ ଏହି ଶୀର୍ଷକ ଉପରେ ବିସ୍ତୃତ ଆଲୋଚନା ହେବା ସହ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ମତବିନିମୟ ହୋଇଥିଲା । ଏଥିରେ ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ମଧ୍ୟ ଯୋଗଦେଇଥିଲେ । ଗତକାଲି ଡେରାଡୁନ୍‌ଠାରେ ଆୟୋଜିତ ୫୭ତମ ବିଧାନସଭା ସଚିବମାନଙ୍କ ସମ୍ମିଳନୀରେ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ ଯୋଗ ଦେଇଥିଲେ।

## ୫ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜିଠାରୁ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତାକାଲି ରାଷ୍ଟ୍ରପତି ଭବନଠାରେ ମହାତ୍ମା ଗାନ୍ଧିଙ୍କ ୧୫୦ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ। ଏହା ବ୍ୟତୀତ କେତେକ କେନ୍ଦ୍ର ମନ୍ତ୍ରୀମାନଙ୍କ ସହ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଓଡିଶା ପ୍ରତ୍ୟାବର୍ତନ କରିବେ।



ମଞ୍ଚେଶ୍ୱର ରେଳବାଇ ପ୍ରେକ୍ଷାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳସାଥୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି

## ବାରବାଟୀ ଭାରତ-ୱେଷ୍ଟଇଣ୍ଡିଜ୍ ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରି ଆଜିଠାରୁ

କଟକ/ଭୁବନେଶ୍ୱର, ୧୮।୧୨(ପି.ଏନ): ଆସନ୍ତା ୨୨ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତୃତୀୟ ଏକଦିବସୀୟ ଦିବାରାତ୍ର ମ୍ୟାଚ୍ ପାଇଁ ଆସନ୍ତାକାଲିଠାରୁ (ଗୁରୁବାର) ଷ୍ଟାଡିୟମ୍ କାଉଂଟରରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଖୋଲାଯାଇଥିବା ୧୨ଟି କାଉଂଟରରେ ସକାଳ ୯ଟାରୁ ଟିକେଟ୍ ବିକ୍ରି ଆରମ୍ଭ ହେବ।ପ୍ରତ୍ୟେକଙ୍କୁ ୨ଟି ଲେଖାଏଁ ଟିକେଟ୍ ଦିଆଯିବ ଓ ଏଥିପାଇଁ ଜଣେ ଦର୍ଶକଙ୍କୁ ତାଙ୍କର ପରିଚୟ ପତ୍ର ଟିକେଟ୍ କାଉଂଟରରେ ଦେଖାଇବାକୁ ପଡ଼ିବ। ୧୯ ଓ ୨୦ ଦୁଇ ଦିନ ଧରି କାଉଂଟରରେ ଟିକେଟ୍ ବିକ୍ରି କରାଯିବ।ଇତିମଧ୍ୟରେ ଓ.ସି.ଏ. ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ପାସ୍ ବଂଟନ ଓ ଟିକେଟ୍ ବିକ୍ରି ଶେଷ ହୋଇଛି। ମ୍ୟାଚ ପାଇଁ ବାରବାଟୀ ଷ୍ଟାଡିୟମ୍ ଭିତରେ ଓ ବାହାରେ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ଆସନ୍ତାକାଲି ଟିକେଟ୍ କାଉଂଟର ଗୁଡ଼ିକରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଫୋର୍ସ୍ ମୁତୟନ କରାଯିବ। ସେହିପରି ୨୨ ତାରିଖ ମ୍ୟାଚ୍ ପାଇଁ ୬୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏଥର ପ୍ରତି ଗ୍ୟାଲେରୀରେ ପୋଲିସ୍ ସହାୟତା କେନ୍ଦ୍ର ରହିବ ଓ ଦୁଇ ଜଣ ଅଫିସର ଏହାର ଦାୟିତ୍ୱରେ ରହିବେ । ଅନଲାଇନ୍ ମାଧ୍ୟମରେ ଟିକେଟ୍ ବୁକିଂ କରିଥିବା ଦର୍ଶକମାନଙ୍କୁ ଆସନ୍ତାକାଲିଠାରୁ ମଧ୍ୟ କେମ୍ପିଜ୍ ସ୍କୁଲରେ ଟିକେଟ୍ ପ୍ରଦାନ କରାଯିବ।

## ରାଜ୍ୟପାଳଙ୍କ ଦିନିକିଆ ଗଞ୍ଜାମ ଗସ୍ତ

ଗଞ୍ଜାମ, ୧୮।୧୨(ପି.ଏନ): ଆସନ୍ତାକାଲି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ସଡ଼କ ପଥରେ ଆସି ଦିନ ଏଗାରଟା ସମୟରେ ଖଲିକୋଟ ଆଇବିରେ ପହଂଚିବେ। ସେଠାରୁ ୧୧.୫୦ ମିନିଟ୍‌ରେ ସାଙ୍କୁଡ଼ା ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟର ରାଜ୍ୟପାଳ ପହଂଚିବାପରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ତା'ପରେ ଏହି ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ଉତ୍ସବ ଉଦଘାଟନ କରିବେ ଏହି କାର୍ଯ୍ୟକ୍ରମରେ ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଲତିକା ପ୍ରଧାନ ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଏହି ଅବସରରେ ଏକ ସ୍ମରଣୀକା ମଧ୍ୟ ଉନ୍ମୋଚନ କରିବେ। ଏହାପରେ ଖଲିକୋର୍ଟ ଆଇବିରେ ପହଂଚି ମଧ୍ୟାହ୍ନ ଭୋଜନ ସହ ବିଶ୍ରାମ ନେଇ ଅପରାହ୍ନ ଦୁଇଟା ସମୟରେ ଭୁବନେଶ୍ୱର ଅଭିମୁଖେ ଫେରିବେ।

## ୨୦ରୁ କିଟ୍‌ରେ ସର୍ବବୃହତ ବାଣିଜ୍ୟ ମହାକୁମ୍ଭ

ଭୁବନେଶ୍ୱର, ୧୮।୧୨(ପି.ଏନ): ଡିସେମ୍ବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଦେଶର ସର୍ବ ବୃହତ ବାଣିଜ୍ୟ ସମ୍ମିଳନୀ କିଟ୍‌ରେ ଆୟୋଜିତ ହେବାକୁ ଯାଉଛି। ଇଣ୍ଡିଆନ୍ କମର୍ସ ଆସୋସିଏସନ୍ (ଆଇସିଏ)ର ୭୨ତମ ସର୍ବ ଭାରତୀୟ ବାଣିଜ୍ୟ ସମ୍ମିଳନୀ, ଓଡ଼ିଶା କମର୍ସ ଆସୋସିଏସନ୍‌ର ସୁବର୍ଣ୍ଣ ଜୟନ୍ତୀ ସହ ଓଡ଼ିଶା କମର୍ସ ଆସୋସିଏସନ୍‌ର ୪୦ତମ ନିଖିଳ ଉତ୍କଳ ବାଣିଜ୍ୟ ସମ୍ମିଳନୀ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଅବସରରେ 'ଗ୍ଲୋବାଲ୍ ବିଜିନେସ୍: ଇମର୍ଜିଂ ଇସ୍ୟୁଜ ଆଣ୍ଡ ଚ୍ୟାଲେଞ୍ଜେସ୍' ଶୀର୍ଷକ ଉପରେ ଏକ ଆନ୍ତର୍ଜାତିକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ପ୍ରଥମ ଥର ଲାଗି ଓଡ଼ିଶାର କିଟ୍‌ରେ ଏଭଳି ଏକ ବାଣିଜ୍ୟ ସମ୍ମିଳନୀ ବିରାଟ ଆକାରରେ ଆୟୋଜନ ହେବାକୁ ଯାଉଛି। ସମ୍ମିଳନୀରେ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରୁ ୩ହଜାର ଶିକ୍ଷାବିତ, ଗବେଷକ, ବିଦ୍ୱାନ, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ମେଗା ବାଣିଜ୍ୟ ସମ୍ମିଳନୀରେ ଓଡ଼ିଶା କମର୍ସ ଆସୋସିଏସନ୍ ୩୦ଟି ଆଞ୍ଚଳିକ ମହାବିଦ୍ୟାଳୟର ୫ହଜାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପରୀକ୍ଷା ଆୟୋଜନ କରୁଛି। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ପୁରସ୍କାରର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ରାଜ୍ୟରେ ବାଣିଜ୍ୟ ଶିକ୍ଷାକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ 'କ୍ରାଉନ୍ ଅଫ୍ କମର୍ସ' ସମ୍ମାନ ପ୍ରଦାନ କରାଯିବ। କିଟ୍‌ରେ ବର୍ଷର ବିଭିନ୍ନ ସମୟରେ ବହୁ ଜାତୀୟ ଓ ଆନ୍ତର୍ଜାତିକ ସମ୍ମିଳନୀ, ଆଲୋଚନାଚକ୍ର ଓ କର୍ମଶାଳା ଆୟୋଜନ ହୋଇଥାଏ। ପୂର୍ବରୁ ୨୦୧୪ରେ କିଟ୍‌ରେ ସର୍ବଭାରତୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୁନର୍ବାରୁ ଡିସେମ୍ବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଏଠାରେ ୭୨ତମ ସର୍ବଭାରତୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ରହିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି ଏବଂ ପ୍ରଫେସର ଅଶୋକ ଦାସ ପୃଷ୍ଠପୋଷକ ରହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ସମ୍ମିଳନୀ ସମ୍ପାଦିକା ରହିଥିବା ବେଳେ ପ୍ରଫେସର ଜୟନ୍ତ କୁମାର ପରିଡ଼ା ଏହି ସମ୍ମିଳନୀର ଆୟୋଜନ କମିଟି ସମ୍ପାଦକ ରହିଛନ୍ତି। ଏହି ସମ୍ମିନଳନୀରେ ଇଣ୍ଡିଆନ୍ କମର୍ସ ଆସୋସିଏସନ୍‌ର ସଭାପତି ପ୍ରଫେସର ଏଚ୍ ଭେଙ୍କଟେଶ୍ୱରଲୁ ଅଧ୍ୟକ୍ଷତା କରିବାକୁ ଥିବା ବେଳେ ସମ୍ପାଦକ ପ୍ରଫେସର ନରେନ୍ଦ୍ର କୁମାରଙ୍କ ତତ୍ତ୍ୱାବଧାନରେ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀରେ ୫ଟି ବିଷୟବସ୍ତୁ ଉପରେ ୯୭୨ଟି ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପିତ ହେବ।

## ପିଲା ବେସରକାରୀ ସ୍କୁଲ ମୁହାଁ : ୨ ସ୍କୁଲ ବନ୍ଦ, ୪ କୁ ନୋଟିସ୍

ଭଦ୍ରକ, ୧୮।୧୨(ପି.ଏନ): ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଉପରେ ସରକାରଙ୍କ କୌଣସି ଲଗାମ ନଥିବାବେଳେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଛନ୍ତି ସତ କିନ୍ତୁ ଏହାର ସୁଦୁପଯୋଗ ଉପରେ କୌଣସି ନଜର ଦେଉନଥିବାରୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସଂକଟ ଦେଖାଦେଇଛି। ଅଭିଭାବକମାନେ ସରକାରୀ ଅପେକ୍ଷା ବେସରକାରୀ ସ୍କୁଲରେ ପିଲାଙ୍କୁ ପଢାଇବା ଶ୍ରେଷ୍ଠ ମନେ କରୁଛନ୍ତି। ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ ମଧ୍ୟ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଅନୁରୂପ। ଉକ୍ତ ବ୍ଲକ୍‌ରେ ବର୍ଷକ ମଧ୍ୟରେ ୨ଟି ସ୍କୁଲ ବନ୍ଦ ହୋଇଥିବାବେଳେ ଆଉ ୪ଟି ସ୍କୁଲକୁ ବନ୍ଦ ନିମନ୍ତେ ନିର୍ଦ୍ଦେଶ ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ଆଗରପଡା ସ୍ଥିତ ବିଟିପୁର ପଂଚାୟତ ଅନ୍ତର୍ଗତ ଗୋପୀନାଥଜୀଉ କ୍ଲଷ୍ଟର ଅଧୀନସ୍ଥ ହଳଦିପାଟଣା ଆଦିବାସୀ ସାହା ପ୍ରକଳ୍ପ ସ୍କୁଲ ଓ ବନ୍ତ ସ୍ଥିତ ସେଣ୍ଡେଡିରା ପଂଚାୟତ ଅଧୀନ ପରମାନନ୍ଦପୁର ପ୍ରକଳ୍ପ ସ୍କୁଲ ବନ୍ଦ ହୋଇଯାଇଥିବାବେଳେ ଚଳିତ ମାସ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୨୨୬୯/୧୦.୧୨.୧୯ ରିଖ ଅନୁଯାୟୀ ଆଉ ୪ଟି ସ୍କୁଲ ଯଥା ଆଡିଆ କ୍ଲଷ୍ଟର ଅଧୀନସ୍ଥ ଓଲଡାଙ୍ଗ ପ୍ରକଳ୍ପ ସ୍କୁଲ, ରାମଚନ୍ଦ୍ରପୁର କ୍ଲଷ୍ଟର ଅଧୀନସ୍ଥ ନରସିଂହପୁର ପ୍ରାଥମିକ ସ୍କୁଲ, ଟିଲୋ କ୍ଲଷ୍ଟର ଅଧୀନସ୍ଥ ପୁରୁଷୋତ୍ତମପୁର ପ୍ରକଳ୍ପ ପ୍ରାଥମିକ ସ୍କୁଲ ଓ ବାଲୁକେଶ୍ୱର କ୍ଲଷ୍ଟର ଅଧୀନସ୍ଥ ୱାରିସୁର ପ୍ରାଥମିକ ସ୍କୁଲକୁ ପାଖ ସ୍କୁଲ ସହ ମିଶ୍ରଣ କରାଯିବା ନିମନ୍ତେ ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଜଣାଇ ଦିଆଯାଇଛି। ସେହିପରି ପୂର୍ବବର୍ଷ ଆଗରପଡା ସ୍ଥିତ ପୁରୁଷଣ୍ଡ ପଂଚାୟତ ଅନ୍ତର୍ଗତ ଜଗନ୍ନାଥ ପ୍ରକଳ୍ପ ସ୍କୁଲ ଓ ଛୟାଳସିଂ ପଂଚାୟତର ହରିହାଟ ପ୍ରକଳ୍ପ ସ୍କୁଲ ବନ୍ଦ ହୋଇଯାଇଥିଲା। ଆଗାମୀ ଦିନରେ ଆଡିଆ କ୍ଲଷ୍ଟର ଅଧୀନସ୍ଥ ବାହାଦଲପୁର ପ୍ରକଳ୍ପ ସ୍କୁଲ ସମେତ ଅନେକ ସ୍କୁଲ ଆବଶ୍ୟକୀୟ ପିଲା ସଂଖ୍ୟା ପାଇଁ ବନ୍ଦ ହେବାର ସମ୍ଭାବନା ଦେଖାଯାଇଛି। ୬ ରୁ ୧୪ ବର୍ଷର ପିଲାଙ୍କ ପାଇଁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ହୋଇଥିବାବେଳେ ସୁସଜ୍ଜିତ ପକ୍କାଘର ସାଙ୍ଗକୁ ମାଗଣା ପୋଷାକ, ବହିପତ୍ର ଓ ମଧ୍ୟାହ୍ନ ଭୋଜନ ସହିତ ଆହୁରି କେତେ ସୁବିଧା ସୁଯୋଗ ସରକାରୀ ବିଦ୍ୟାଳୟରେ ଉପଲବ୍ଧ କିନ୍ତୁ କଣ ପାଇଁ ଅଭିଭାବକମାନେ ସରକାରୀ ପ୍ରାଥମିକ ଶିକ୍ଷା ପ୍ରତି ବିମୁଖ ତାର ମୂଳ କାରଣ ସରକାର ଖୋଜୁନଥିବା ଯୋଗୁଁ ବୁଦ୍ଧିଜୀବୀ ମହଲରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ୍ତ ବ୍ଲକ୍‌ରେ ପବ୍ଲିକ୍ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିରର ସଂଖ୍ୟା ମଧ୍ୟ ବଢିଚାଲିଛି। ପବ୍ଲିକ ସ୍କୁଲ ଖୋଲିବା ପାଇଁ ସରକାରଙ୍କ ସେଭଳି କିଛି ଦୃଢ ଆଇନ୍ କାନୁନର ବ୍ୟବସ୍ଥା ନଥିବାରୁ ଗାଁ ଗାଁରେ ଘରୋଇ ସ୍କୁଲ ଖୋଲିବାରେ ଲାଗିଛି। ଅନ୍ୟପଟେ ସରକାର ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କଲେଣି। ଏହାର ପ୍ରଥମ କାରଣ ହୋଇପାରେ ବିଦ୍ୟାଳୟରେ ଶ୍ରେଣୀ ଓ ବିଷୟ ଭିତିକ ଶିକ୍ଷକ ନଥିବା। ଛାତ୍ରଛାତ୍ରୀଙ୍କ ହାରରେ ଶିକ୍ଷକ ନିଯୁକ୍ତି ପାଇଥିବାରୁ ଜଣେ ଜଣେ ଶିକ୍ଷକ ୨/୩ ଟି ଶ୍ରେଣୀକୁ ଏକାଠି କରି ପାଠ ପଢାଉଥିବା ଦେଖିବାକୁ ମିଳୁଛି। ଯେଉଁ ଜାଗାରେ ବିଦ୍ୟାଳୟ କରାଯିବାର କୌଣସି ଯଥାର୍ଥ ନଥିବା ସ୍ଥଳେ ସେସବୁ ଜାଗାରେ ବିଦ୍ୟାଳୟ ଖୋଲି ଲକ୍ଷାଧିକ ଟଙ୍କା ନଷ୍ଟ କରିବା କେତେ ଦୂର ଯୁକ୍ତିଯୁକ୍ତ ତାହା କିଛି ବିଦ୍ୟାଳୟକୁ ଦେଖିଲେ ସରକାରଙ୍କ କାର୍ଯ୍ୟପନ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସାର ହେଉଛି। ଅନ୍ୟପକ୍ଷରେ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାର ଅଣଶୈକ୍ଷିକ କାର୍ଯ୍ୟକ୍ରମ ଯଥା ସର୍ଭେ କାର୍ଯ୍ୟ, ବିପିଏଲ୍ ଭୋଟର ଲିଷ୍ଟ ପ୍ରସ୍ତୁତ, ମଧ୍ୟାହ୍ନ ଭୋଜନ ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ସମୟରେ ଅନାବଶ୍ୟକ ତାଲିମ୍ କାର୍ଯ୍ୟରେ ଯୋଗଦେବାକୁ ବାଧ୍ୟ କରାଯାଉଥିବାରୁ ଶିକ୍ଷାଦାନରେ ଘୋର ବ୍ୟତିକ୍ରମ ସୃଷ୍ଟି ହେବାରେ ଦେଖାଦେଇଛି। ସେହିପରି ଶିକ୍ଷକମାନଙ୍କୁ ବିଭିନ୍ନ ଆଇନ୍ କାନୁନ୍‌ର ଆଳ ଦେଖାଇ ଛଟେଇ କରିବା ଆଉ ଏକ ଅଣଶିକ୍ଷା କାର୍ଯ୍ୟକ୍ରମ ବୋଲି ମତ ପ୍ରକାଶ ପାଇଛି। ଯାହାଫଳରେ ଶିକ୍ଷକମାନେ ଅଯଥା ଚାପର ବଶବର୍ତୀ ହେଉଥିବାରୁ ଗୁଣାତ୍ମକ ଶିକ୍ଷା ସମ୍ଭବ ହୋଇପାରୁନାହିଁ। ତେଣୁ ଅଭିଭାବକମାନେ ପିଲାଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ସେମାନଙ୍କୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢାଇବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କର ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେଉନଥିବାରୁ ସେମାନେ ଅନେକ ସମୟରେ ନିଜର ହକ୍ ପାଇଁ ରାଜରାସ୍ତାରେ ଆନ୍ଦୋଳନ ପାଇଁ ବ୍ୟସ୍ତ ରହୁଛନ୍ତି। ଏପରି ପରିସ୍ଥିତିରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡୁଛି। ଅନ୍ୟପକ୍ଷରେ ସରକାର ନିଜେ ମଧ୍ୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଯାଇ ଅପରପକ୍ଷରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହିଭଳି ଅବସ୍ଥାରେ ସରକାରୀ ପ୍ରାଥମିକ ଶିକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିବା କାରଣ ଗୁଡ଼ିକୁ ଠିକ୍ ଭାବେ ଅନୁଧ୍ୟାନ କରି ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୟନ ନକଲେ ଆଗାମୀ ଦିନରେ ସରକାରୀ ପ୍ରାଥମିକ ଶିକ୍ଷା ରସାତଳକୁ ଚାଲିଯିବ ବୋଲି ଶିକ୍ଷାବିତ୍‌ମାନେ ମତ ପୋଷଣ କରିଛନ୍ତି।


KIITEE - 2020

14th - 23rd April 2020

Govt. of India Recognized KIIT as an
Institution of Eminence (IoE)

*Give your dreams the wings to fly*



Academic Programme

Bachelor's Degree I Master's Degree I Ph.D.

Engineering (Civil, Mechanical, Electrical, Electronics and Telecommunication, Computer Science, Information Technology, Electronics and Electrical, Electronics & Instrumentation, Mechanical (Automobile), Aerospace, Mechatronics, Electronics & Computer Science, Computer Science & Communication, Chemical Technology, Computer Science & Systems), Computer Application I Architecture I Science I Law I Management I Rural Management I Biotechnology I Chemical Technology I Public Health I Fashion Technology I Film & Media Sciences I Mass Communication I Yoga I Nursing Sciences I Humanities I Commerce

Director, Admissions

APPLY ONLINE NOW
through KIIT websites
www.kiitee.kiit.ac.in
www.kiit.ac.in

No Application / Examination Fee
Computer Based Online Test
For detail information please go through University websites.

Kalinga Institute of Industrial Technology (KIIT)
Deemed to be University
(Established U/S 3 of UGC Act, 1956) Bhubaneswar, Odisha, India

Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 0674 - 2742103, 2741747, 2741389, Fax : 0674 - 2741465,
Toll Free No. : 18003457132, Email :admission@kiit.ac.in.
Websites : www.kiitee.kiit.ac.in & www.kiit.ac.in

Google play

Continuous learning University of Compassion & Humanity

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.







# ଟି ଟାଇମ୍

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

## ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

## ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ପୂଣ୍ୟ ତିଥି ପାଳିତ



ଭୁବନେଶ୍ୱର, (ପିଏନ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ମୁଖ୍ୟ ସେବାକେନ୍ଦ୍ର, ଓମ୍ ନିବାସ, ୟୁନିଟ୍-୯, ଭୁବନେଶ୍ୱର ତରଫରୁ ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ଦ୍ୱାଦଶ ପୂଣ୍ୟତିଥି ପାଳିତ ହୋଇଯାଇଛି । ହାଇଟେକ୍ ହସ୍ପିଟାଲ୍ ରୋଡସ୍ଥିତ କାମନା ଗ୍ରାମଠାରେ ସେବାକେନ୍ଦ୍ର ତରଫରୁ ନବନିର୍ମିତ ଦାଦି ଉପବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିବା ଘ.୧୦.୩୦ମିନିଟ୍ ସମୟରେ ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ଦ୍ୱାଦଶ ପୂଣ୍ୟତିଥି ଉପଲକ୍ଷେ ଭୁବଶ୍ୱେରରେ ବ୍ରହ୍ମାକୁମାରୀ ସଂସ୍ଥାର ବୀଜବପନ କରିଥିବା ସେହି ପବିତ୍ର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସମେତ ଦାଦି ଉପବନର ଉଦ୍‌ଘାଟନ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟଶିବିର, ୧୦୦ଜଣ ବରିଷ୍ଠ ବ୍ରହ୍ମାକୁମାରୀ ଭଉଣୀଙ୍କୁ ସମ୍ମାନ ପ୍ରଦାନ, ଓମ୍ ପ୍ରତିମୂର୍ତ୍ତିର ଉଦ୍‌ଘାଟନ ଓ ଆଧ୍ୟାତ୍ମିକ ପ୍ରବଚନ ଆଦି କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଦୂର ମାଉଣ୍ଟଆବୁରୁ ବ୍ରହ୍ମାକୁମାର ଡା. ବନାରସୀଲାଲ୍ ଭାଇ ଯୋଗଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ କୋଲକାତାରୁ ବ୍ରହ୍ମାକୁମାରୀ ଇଷ୍ଟର୍ଣ୍ଣଜୋନର ମୁଖ୍ୟ ରାଜଯୋଗିନୀ ବ୍ରହ୍ମାକୁମାରୀ କାନନ ଦିଦି ପ୍ରମୁଖ ଯୋଗଦେଇ ଦାଦିଜୀଙ୍କ ସ୍ମୃତିଚାରଣ କରିଥିଲେ । ତତ୍‌ସଂଙ୍ଗେସଙ୍ଗେ ରୋଟାରି କ୍ଲବର ଡି.ଜି. ଦେବାଶିଷ ମିଶ୍ର, ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲି, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫ ହଜାର ଭାଇ ଭଉଣୀ ଯୋଗଦାନ କରିଥିଲେ । ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା ।

# ବଜାରକୁ ଆସିଲା ଓରିଫ୍ଲେମର ନୂତନ ଏ-ଜେଡ ୱାନ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦

ଭୁବନେଶ୍ୱର :ସୌନ୍ଦର୍ଯ୍ୟର ପରମ୍ପରା ବର୍ତ୍ତମାନ ଅଧିକ ପ୍ରାକୃତିକ ରୂପରେ ଆସିବା ପାଇଁ ବିକଶିତ ହେଉଛି । ଜଣଙ୍କର ପ୍ରାକୃତିକ ତ୍ୱଚା ଅନୁରୂପ ହୋଇଥିବା "ନ୍ୟୁଡ ମେକଅପ''ବର୍ତ୍ତମାନ ସୌନ୍ଦର୍ଯ୍ୟ ଏବଂ ମେକଅପ କ୍ଷେତ୍ରରେ ଅଧିକ ଆଦୃତ ହେଉଛି । ତେଣୁ ବର୍ତ୍ତମାନର ମାର୍କେଟ ଟ୍ରେଣ୍ଡକୁ ଆଖି ଆଗରେ ରଖି ସ୍ୱେଡିସ ପ୍ରତ୍ୟେକ୍ଷ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ପକ୍ଷରୁ ଏହାର ନୂତନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ର ଶୁଭାରମ୍ଭ କରାଯାଇଛି । ପ୍ରଗତିଶୀଳ ବିଜ୍ଞାନ ସହିତ ପ୍ରକୃତିର ସର୍ବଶ୍ରେଷ୍ଠ ଉପାଦାନ ଗୁଡ଼ିକରେ ସମୃଦ୍ଧ ଏହି କ୍ରିମ ଏକ ତେଜମୟ ତଥା ଉଜ୍ଜ୍ୱଳ ତ୍ୱଚାକୁ ପ୍ରୋତ୍ସାହିତ କରିଥାଏ । ଏଥିରେ ଥିବା କ୍ରିଷ୍ଟାଲ ବ୍ରାଇଟ କମ୍ପ୍ଲେକ୍ସ ତ୍ୱଚାର ଉଜ୍ଜ୍ୱଳତାରେ ସହାୟକ ହେଉଥିବା ବେଳେ ଏହାର ସ୍ୱତନ୍ତ୍ର ସିଲ୍କ କ୍ଷତିକାରୀ ପ୍ରଭାବରୁ ଆପଣଙ୍କ ତ୍ୱଚାକୁ ରକ୍ଷା କରିଥାଏ । ଏହା ବ୍ୟତୀତ ଏହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ କଭରେଜ ମଧ୍ୟ ପ୍ରଦାନ କରିଥାଏ । ଏହି ଶୁଭାରମ୍ଭ ପରିପ୍ରେକ୍ଷୀରେ ଓରିଫ୍ଲେମ ଦକ୍ଷିଣ ଏସିଆ, ମାର୍କେଟିଙ୍ଗ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ନବିନ ଆନନ୍ଦ କହିଛନ୍ତି ଯେ "ବର୍ତ୍ତମାନର ଗ୍ରାହକମାନେ ଗୋଟିଏ ଉତ୍ପାଦରେ ଏକାଧିକ ଲାଭକାରୀ ଗୁଣର ସନ୍ଧାନ କରିଥାନ୍ତି । ସେଥିପାଇଁ ହିଁ ଆମେ ଏହି ଅଭିନବ ୱାନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ ନେଇ ଆସିଛି, ଯାହାକି କେବଳ ଉପଯୁକ୍ତ କଭରେଜ ପ୍ରଦାନ କରିନଥାଏ ବରଂ ତ୍ୱଚାକୁ ହାଇଡ୍ରେଟ ଏବଂ ସୁରକ୍ଷିତ ରଖିଥାଏ ।"

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

ଚଣ୍ଡିଖୋଲ, ୦୧/୧୧(ପିଏନ)-ରାଜ୍ୟ ଯୁବକଲ୍ୟାଣ ପରିଷଦ ଓଡ଼ିଶା ଆନୁକୁଲ୍ୟରେ ବଡ଼ଚଣା ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ ରକ୍ଷକ ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଜୁ ଯୁବବାହିନୀ ସଂଯୋଜକ ଗଣେଶ୍ୱର ବରାଳଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ ସଦସ୍ୟ ଓ ମହାବିନାୟକ ବିଦ୍ୟାୟନର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଯାଇ ୧୬ ନଂ ଜାତୀୟ ରାଜପଥ ବଡ଼ଚଣା ଛକ ଠାରେ ହେଲମେଟ୍ ପିନ୍ଧିଥିବା ବାଇକ୍ ଚାଳକମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଏକ ଶୋଭାଯାତ୍ରାରେ ଯାଇ ବଡ଼ଚଣା ପଞ୍ଚାୟତ ସମିତି ଠାରେ ଏକ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ବଡ଼ଚଣା ବି.ଡ଼ି.ଓ. ଅଜୀତ ପ୍ରସାଦ ନାରାୟଣ ଗିରି, ବଡ଼ଚଣା ବ୍ଲକ୍ ଅଧକ୍ଷ ଭାଗ୍ୟଧର ମଳିକ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁମତୀ ବାସ୍କେ, ବିନୋଦିନୀ ସାହୁ, ସରପଞ୍ଚ ନିବେଦିତା ସାହୁ, ଯୁବନେତା ଭବାନୀ ଶଙ୍କର ସାହୁ, ଯତିନ୍ଦ୍ର ନାୟକ, ଏସ. ଆଇ. ସୟଦ ଖାଁ, ଯୁବ ବାହିନୀ ସଭାପତି ଜୟନ୍ତ ରାଉତ, ନବଦୀପ ନାୟକ, ବିପିନ ବିହାରୀ ଜେନା, ପବନେଶ୍ୱର ଜେନା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ଉପରେ ଆଲୋଚନା କରିଥିଲେ ।

# ଦଶିପୁର ପଂଚାୟତରେ କିରୋସିନ ହଡପ କରାଯାଉଥିବା ଉପଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା (ପିଏନ)- ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଂଚାୟତର ଖାଉଟି ହିତାଧିକାରୀମାନେ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ପଂଚାୟତର ଖାଉଟି ଡିଲର ରବିନ୍ଦ୍ର ମଳିକଙ୍କ ନାମରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରି ଗିରିବନ୍ଧର ଡିଲର ପିତାମ୍ବର ବେହେରାଙ୍କୁ ଦଶିପୁର ପଂଚାୟତର ରାସନ ସାମଗ୍ରୀ ବାଂଟିବାକୁ ନିର୍ଦ୍ଦେଶ ଦେଇଥିଲା । ନଦୀପାର ହୋଇ ଦଶିପୁର ଖାଉଟିମାନେ ଗିରିବନ୍ଧ ଯିବାକୁ ଅସୁବିଧା ହେବାରେ ଜିଲ୍ଲାପାଳ ଡିଲର ପିତାମ୍ବର ବେହେରାଙ୍କୁ ଦଶିପୁର ଠାରେ ଖାଉଟିମାନଙ୍କୁ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଡିଲର ଶ୍ରୀ ବେହେରା ଦଶିପୁରରେ ନିଜେ ରାସନ ସାମଗ୍ରୀ ନବାଂଟି ନିଲମ୍ବିତ ଡିଲର ରବିନ୍ଦ୍ର ମଳିକଙ୍କ ଦ୍ୱାରା ରାସନ ସାମଗ୍ରୀ ବଂଟନ କାର୍ଯ୍ୟ କରାଉଥିଲେ । ଫଳରେ ନିଲମ୍ବିତ ଡିଲର ଶ୍ରୀ ମଳିକ କିରୋସିନ ହଡପ କରିଥିବା ସହିତ ସରକାରଙ୍କ ପକ୍ଷରୁ ରାସନକାର୍ଡ ଧାରିଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ବଲବ ପାଇଁ ଖାଉଟିଙ୍କ ଠାରୁ ପ୍ରତ୍ୟେକ ଓ୧୦ଟଙ୍କା କରି ଆଦାୟ କରିଲେ । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଡିଲର ଶ୍ରୀ ବେହେରା ଖାଉଟିମାନଙ୍କୁ ହଇରାଣ କରିବା ଉଦେଶ୍ୟରେ ଦଶିପୁର ପଂଚାୟତ ବଦଳରେ ଖଡିଅଂଟା ଗ୍ରାମରେ ରାସନ ସାମଗ୍ରୀ ରଖି ବାଂଟୁଥିବାର ଅଭିଯୋଗ ହୋଇଛି । ସେହି ସ୍ଥାନରୁ ସବୁ ଖାଉଟି ରାସନ ସାମଗ୍ରୀ ଆଣିବା ସମ୍ଭବ ପର ନୁହେଁ । ଏଣୁ ଦଶିପୁର ପଂଚାୟତର ଖାଉଟିମାନଙ୍କ ପକ୍ଷରୁ ବିବେକାନନ୍ଦ ଦାଶ ,ପ୍ରମୋଦ ପଣ୍ଡା,ଅକ୍ଷୟ ସାହୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଏହି ସମସ୍ୟାଟିର ଆଶୁ ସମାଧାନ କରିବା ସହ ଦଶିପୁର ପଂଚାୟତର ଖାଉଟିମାନଙ୍କୁ ତିନିମାସର ରାସନ ସାମଗ୍ରୀ ଦଶିପୁର ପଂଚାୟତରେ ଦିଆଯିବାର ସୁବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ । ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ବ୍ୟବସାୟ ପ୍ରସାର ଲାଗି ସ୍ୱାବଲମ୍ବନ କନେକ୍ଟ କେନ୍ଦ୍ର ସ୍ଥାପନ କରିବାକୁ ସିଡ୍‌ବିର ଯୋଜନା

ଭୁବନେଶ୍ୱର: ଦେଶରେ ବ୍ୟବସାୟ ମନୋବୃତିକୁ ସୁଦୃଢ଼ କରିବା ଲାଗି ଦେଶର ପାଂଚଟି ରାଜ୍ୟରେ ୧୦୦ ସ୍ୱାବଲମ୍ବନ କନେକ୍ଟ କେନ୍ଦ୍ର (ଏସ୍‌ସିକେ) ସ୍ଥାପନ କରିବାକୁ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡବି) ଆଗେଇ ଆସିଛି । ସିଡ୍‌ବି ମିସନର ସ୍ୱାବଲମ୍ବନ ମାଧ୍ୟମରେ ସମାଜରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ ତିଆରି କରିବାକୁ ଲକ୍ଷ୍ୟ ରଖିଅଛି । ଏହି ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଥିବା ରାଜ୍ୟଗୁଡ଼ିକ ହେଉଛନ୍ତି ଉତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ତେଲେଙ୍ଗାନା ।ଏହି ୧୦୦ ଏସ୍‌ସିକେ ୭୦୦୦ ନୂତନ ସଂସ୍ଥା ସ୍ଥାପନ କରିବାରେ ସହାୟକ ହେବ ତଥା ପୂର୍ବର ସ୍ଥାପିତ ଜୀବିକା/ସଂସ୍ଥାମାନଙ୍କୁ ଆଗକୁ ବଢ଼ିବା ପାଇଁ ସହାୟତା ପ୍ରଦାନ କରିବ । ଏହି ଅଭିଯାନକୁ ସୁଗମ କରିବା ପାଇଁ ସିଡ୍‌ବି ତରଫରୁ ଲେଟସ୍ ଏଣ୍ଡୋର୍ସ ଡେଭେଲପମେଂଟ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟର ସଚେତନତା ଠାରୁ ଆଗକୁ ଯାଇ ବ୍ୟାବସାୟିକ ସଂସ୍ଥା ସ୍ଥାପନ କରିବା ତଥା ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ସହାୟତା ଦେବା, ଆସୁଥିବା କଲ୍‌କୁ ସୂଚନା ଭିତିକ ଲିଡ୍‌ରେ ପରିଣତ କରିବା, ଉପଯୁକ୍ତ ପରିଚାଳନା ଲାଗି ଅଭାବର ମ୍ୟାପିଂ କରିବା, ଋଣ ପ୍ରାପ୍ତି ସହାୟତା ଇତ୍ୟାଦି ଜରିଆରେ ମିସନ ସ୍ୱାବଲମ୍ବନକୁ ସୁଦୃଢ଼ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ।
ଏହି ଅବସରରେ ଶ୍ରୀ ମହମ୍ମଦ ସୁସ୍ତାଫା, ଆଇଏଏସ୍, ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ସିଡ୍‌ବି କହିଛନ୍ତି ଯେ, "ଏହା ହେଉଛି ଆମର ସିଡବି ଭିଜନ ୨.୦ର ଏକ ଅଂଶ ଯେଉଁଥିରେ ମିସନ ସ୍ୱାବଲମ୍ବନ ହେଉଛି ଏକ ପ୍ରମୁଖ ଅଭିଯାନ । ଏହା ହେଉଛି ସଚେତନତାରୁ ଉପରୁ ଉଠି ବ୍ୟବସାୟିକ ସ୍ୱପ୍ନକୁ ବାସ୍ତବ କରିବା ଦିଗରେ ଏକ ପଦକ୍ଷେପ । ଯୁବପିଢ଼ି ଏବଂ ଅସେବିତ ଓ ଅଳ୍ପସେବିତ କ୍ଷେତ୍ରରେ ପହଂଚି, ସେମାନଙ୍କୁ ନୂତନ ଭାରତ ନିର୍ମାଣ ନିମନ୍ତେ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛୁ ।''
ସିଡ୍‌ବି ପକ୍ଷରୁ ଏକ ଦେୟମୁକ୍ତ ଟେଲିଫୋନ ସେବା (୧୮୦୦-୨୦୦-୧୨୬୫)ର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ଉଦ୍ୟୋଗୀ ହେବାକୁ ଆଶାୟୀ ବ୍ୟକ୍ତିମାନେ ମିସଡ୍ କଲ୍ ଦେଇ ବ୍ୟବସାୟିକ ସଂସ୍ଥା ସ୍ଥାପନ କରିବା ନିମନ୍ତେ ସହାୟତା ହାସଲ କରିପାରିବେ । ଏହି ସେବା ୨୦୧୯ ନଭେମ୍ବର ୧ରୁ ଆରମ୍ଭ କରାଯାଇଛି । କଲ୍ ଯେଉଁ ସ୍ଥାନରୁ ଆସିଛି ସେଠାକାର ପୋଷ୍ଟଲ୍ ଇଣ୍ଡେକ୍ସ ନମ୍ବର (ପିନ୍) ଅନୁସାରେ କଲ୍ ଓ ଲିଡ୍‌କୁ ନିକଟତମ ଏସ୍‌ସିକେକୁ ସ୍ଥାନାନ୍ତର କରାଯିବ । ଯୁବପିଢ଼ି ମଧ୍ୟରେ ବ୍ୟବସାୟିକ ସଂସ୍କୃତିର ପ୍ରସାର କରି, ସେମାନଙ୍କୁ ନିଯୁକ୍ତି ଆଶାୟୀ ନହୋଇ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଅନୁପ୍ରାଣିତ କରାଯାଉଛି । ଏସ୍‌ସିକେର ଡିସ୍‌ପ୍ଲେ ପ୍ୟାନେଲ୍‌ରେ ଉଦ୍ୟମିତା ଉପରେ ପ୍ରେରଣାତ୍ମକ ଓ ଉତ୍ସାହ ପ୍ରଦାନକାରୀ ଭିଡିଓ ଏବଂ ଜିଙ୍ଗଲ୍ ପ୍ରଦର୍ଶିତ ହେବ ।

# ବିଦେଇ ମହାପୁରୁଷଙ୍କ ତିରୋଧାନ ଉତ୍ସବ



ଚଣ୍ଡିଖୋଲ, ୦୧/୧୧(ପିଏନ)- ଭାରତ ବିକାଶ ପରିଷଦ କଟକ ଚଣ୍ଡୀ ଶାଖା ପକ୍ଷରୁ ବସନ୍ତ ବିହାର, ବଉଳା, କଇଥା ପକ୍ଷରୁ ଶ୍ରୀ ଶ୍ରୀ ବିଦେଇ ମହାପୁରୁଷଙ୍କ ତିରୋଧଶନ ଉତ୍ସବ ଶିଶୁ ମେଳା, ସାଧୁ ମେଳା ଓ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନ୍ୟାୟଧିଶ ମନୋରଞ୍ଜନ ମହାନ୍ତି , ସମ୍ମାନୀତ ଅତିଥି ଭାବେ ଅମର ପ୍ରଶାଦ ଶତପଥି ଯୋଗଦେଇ ବିଦେଇ ମହାପୁରୁଷଙ୍କ ଜୀବନୀ ଦର୍ଶନ ଉପରେ ଆଲୋକ ପାତ କରିବା ସହିତ ତାଙ୍କ ନିତୀ ଆଦର୍ଶରେ ଆଜିର ଯୁବ ପିଢୀ ମାନେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂତନ ବିଦେଇ ମହାପରଷଙ୍କ ମନ୍ଦିରର ଦଧିନଉତି ସ୍ଥାପନ ହୋଇଥିଲା । ଶ୍ରୀମତୀ ସୁଲୋଚନା ପ୍ରଧାନ, ସୁଜାତା କର, ନିବେଦିତା ପ୍ରଧାନ, ସୁଲୋଚନା ସ୍ୱାଇଁ, ଆଲଭିନା କର, ଶ୍ରୀମତୀ ଦିପ୍ତୀମୟୀ ଦାସ ଓ ଲତିକା ଶାଉତଙ୍କ ଦ୍ୱାରା ଶିଶୁ ମେଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିରକିଶୋର ସ୍ୱାଇଁ, ଯୁବ ନେତା ଅମର ନାୟକ ପ୍ରମୂଖ ଯୋଗ ଦେଇଥିଲେ ।

# ସରପଞ୍ଚ ଉପ-ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ

ଚଣ୍ଡିଖୋଲ, ୦୧/୧୧(ପିଏନ)- ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିକ୍ରମ ତିରଣ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆଜି ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି । ଆଗାମୀ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସରପଞ୍ଚ ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପ୍ରାର୍ଥିନୀ ଭାବେ ଜ୍ୟୋସ୍ନାମୟୀ ନାୟକ ଆଜି ନିଜ ସମର୍ଥକ ମାନଙ୍କ ଗହଣରେ ବଡ଼ଚଣା ବ୍ଲକ ଠାରେ ପହଞ୍ଚି ନିର୍ବାଚନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ନିକଟରେ ନିଜର ୩କିତା ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରକାଶ ଥାଉକି ଗତ ଗ୍ରାମ ପଞ୍ଚାୟତ ନିର୍ବାଚନରେ ବିକ୍ରମ ତିରଣ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଙ୍କ ବିୟୋଗ ହୋଇଥିଲା । ତେଣୁ ଏଠାରେ ଉପନିର୍ବାଚନ ପାଇଁ ଅବଶ୍ୟକତା ପଡ଼ିଥିଲା । ଏହି ଶୋଭା ଯାତ୍ରାରେ ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଳିକ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ସୁମତୀ ବାସ୍କେ, ବିପିନ ଜେନା, ଗଣେଶ୍ୱର ବରାଳ, ଦିଲିପ ସାମଲ, ଅନନ୍ତ ନାରାୟଣ ଧଳ, ସରପଞ୍ଚ ନିରୁପମା ସ୍ୱାଇଁ, ସମିତି ସଭ୍ୟା ତପସ୍ୱିନୀ ବାରିକ, ଯୋଗେସ ପ୍ରଧାନ, ଶରତ ସାମଲ, ନିରଞ୍ଜନ ସେନାପତି, ସରଶ୍ୱତୀ ବେହେରା, ଗଙ୍ଗାଧର ବାରିକ, ପ୍ରକାଶ ସାମଲ, ସୁବାଷ ନାୟକ, ଉପେନ୍ଦ୍ର ଧଳ, ପ୍ରମୂଖଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବ୍ଲକରେ ପହଞ୍ଚି ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ)-ଜିଲ୍ଲା ସ୍ତରୀୟ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଆମେ କିପରି ପ୍ରସ୍ତୁତ ହୋଇ ରହିବା ଓ ତାହାର ସମ୍ମୁଖିନ ହେବା ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଗୋଷ୍ଠିମାନଙ୍କୁ ସଶକ୍ତ କରି ବିପର୍ଯ୍ୟୟ ସମୟରେ କାର୍ଯ୍ୟରେ ଲଗାଇବା ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା କରାଯାଇଥିଲା । ସେହି ଶୋଭାଯାତ୍ରାକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ ପତାକା ଦେଖାଇ ଉଦଘାଟନ କରିଥିଲେ । ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ଜରୁରୀ ଅଧିକାରୀ ସମ୍ବିତ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ,ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.କିଶୋର ଚନ୍ଦ୍ର ଆଚାର୍ଯ୍ୟ,ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୯୯୯ ମହା ବାତ୍ୟାର ବିଭିଷିକା ସମ୍ପର୍କରେ ବର୍ଣ୍ଣନା କରି ଆଜି ପର୍ଯ୍ୟନ୍ତ ଓଡିଶାରେ ହୋଇଥିବା ହୁଡହୁଡ,ଫାଇଲିନ ପ୍ରଭୃତି ବାତ୍ୟାର ବିଭିଷିକା ଓ ଜିଲ୍ଲା ତଥା ରାଜ୍ୟ ସରକାରର ପ୍ରତିକାର ବ୍ୟବସ୍ଥା,ସ୍ୱେଛାସେବୀ ଅନୁଷ୍ଠାନର ସହଯୋଗ ଦ୍ୱାରା ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ବର୍ଣ୍ଣନା କରି ଆମେ କେତେ ପ୍ରସ୍ତୁତ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଉକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା,ପ୍ରବନ୍ଧ,ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବୀତରଣ କରାଯାଇଥିଲା । ସ୍ୱେଛାସେବୀ ଅନୁଷ୍ଠାନ ଭାରତ ବାତ୍ୟା ସମୟର ଉଦ୍ଧାର କାର୍ଯ୍ୟର ଫଟୋଚିତ୍ରର ପ୍ରଦର୍ଶନ କରିଥିଲେ । "ଭାରତ"ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଉଦୟ ନାଥ ବେହେରା,ଆଳିର ମା ସରସ୍ୱତୀ ସ୍ୱେଛାସେବୀ ଅନୁଷ୍ଠାନ,ଜୟ ଭାରତୀ ସାଥି ସମାଜ,ମହାକାଳପଡାର ରାଜୀବ ଗାନ୍ଧୀ ମେମୋରିଆଲର ପ୍ରତିନିଧି ପ୍ରମୁଖ ଯୋଗଦେଇଥିବା ବେଳେ ସହକାରୀ ଅଗ୍ନିସମ ଅଧିକାରୀ ବିରଭଦ୍ର ଟୁଡୁ,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ବେସାମରିକ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ନିରଞ୍ଜନ ସାହୁ,ବିରଜା ପ୍ରସନ୍ନ ପତିଙ୍କ ସମେତ ବହୁ ସ୍ୱେଛାସେବୀ ଅନୁଷ୍ଠାନର ପ୍ରତିନିଧି ,ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେସକ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଜିଟାଲ୍ ସମୁଦାୟ ନିମନ୍ତେ ଏହି ପାର୍ବଣ ଋତୁକୁ ସ୍ୱତନ୍ତ୍ର କଲା ଟିକ୍‌ଟକ୍ ଦୀପାବଳୀ

ଭୁବନେଶ୍ୱର: ଏହି ପାର୍ବଣ ଋତୁରେ ବିଶ୍ୱର ଅଗ୍ରଣୀ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ଦୀପାବଳୀ ପାଳନ କରିବା ଓ ସେମାନଙ୍କ ପ୍ରିୟ ଜନଙ୍କୁ ଏହାର ଶୁଭ କାମନା କରିବା ପାଇଁ ଏକ ସୃଜନଶୀଳ ମାର୍ଗ ପ୍ରଦାନ କରିଥିଲା । ଏହାର ବ୍ୟବହାରକାରୀଙ୍କ ଜୀବନର ସ୍ୱତନ୍ତ୍ର ମୂହୂର୍ତ୍ତଗୁଡ଼ିକୁ ଆହୁରି ଆନନ୍ଦମୟ କରିବା ପାଇଁ ଟିକ୍‌ଟକ୍ ଦୀପାବଳୀର ଏକ ଅଂଶ ଭାବରେ ଟିକ୍‌ଟକ୍ ଗୋଆଇବିବୋ ସହିତ ସହଯୋଗିତା କରିଛି, ଯେଉଁଥିରେ ସେ ଆକର୍ଷଣୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରିଥିଲା । ଚଳିତ ବର୍ଷର ୧୯-୨୮ ଅକ୍ଟୋବର ପର୍ଯ୍ୟନ୍ତ ଏହି ୧୦ ଦିନର ଅଭିଯାନରେ ଟିକ୍‌ଟକ୍ ବ୍ୟବହାରକାରୀମାନେ ଟିକ୍‌ଟକ୍ ଦୀପାବଳୀ ବ୍ୟବହାର କରି ୧୧୮ ଲକ୍ଷ ଭିଡିଓ ସୃଷ୍ଟି କରି ସେୟାର କରିଥିଲେ, ଯାହା ଆପ୍‌ରେ ୧୬.୫ ବିଲିୟନରୁ ଉର୍ଦ୍ଧ୍ୱ ଭ୍ୟୁ ହାସଲ କରିପାରିଥିଲା । ଏହି ଐତିହାସିକ ସଫଳତାକୁ ଚିହ୍ନଟ କରିବା ପାଇଁ ଟିକ୍‌ଟକ୍ ବ୍ୟବହାରକାରୀମାନେ ଏକାକୀ ଦୀପାବଳି ଦିନ ୩.୩ ନିୟୁତ ଭିଡିଓ ଅପ୍‌ଲୋଡ଼ କରିଥିଲେ ।
ମୋଟ ଉପରେ ଟିକ୍‌ଟକ୍ ଦୀପାବଳି ଅଭିଯାନ ୧୫୦୦ରୁ ଅଧିକ ଲୋକପ୍ରିୟ ସୃଷ୍ଟିକର୍ତ୍ତା ଓ ୫୦ରୁ ଅଧିକ ସିନେ ତାରକା ସୃଷ୍ଟି କରିଛି, ଯେଉଁଥିରେ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରିତେଶ ଓ ଜେନେଲିଆ ଦେଶମୁଖ, ରଣବିଜୟ ସିଂହ, କପିଲ ଶର୍ମା ପ୍ରମୁଖ ଏହି ପବିତ୍ର ଅବସରରେ ଭିଡିଓ ସେୟାର୍ କରି ଟିକ୍‌ଟକ୍ ବ୍ୟବହାରକାରୀଙ୍କୁ ଦୀପାବଳିର ଶୁଭକାମନା ଜଣାଇଥିଲେ । ଏହି ଅଭିଯାନର ଅଂଶ ଅନୁସାରେ ସବୁଠାରୁ ସୃଜନଶୀଳ ଗ୍ରିଟିଙ୍ଗ୍‌ସ ସୃଷ୍ଟି କରିଥିବା ବ୍ୟବହାରକରୀମାନେ ଗୋକ୍ୟାସ୍+ ପୁରସ୍କାର ପାଇଛନ୍ତି ଏବଂ ସେମାନଙ୍କୁ ଗୋଆଇବିବୋ ଦ୍ୱାରା ଘରୋଇ ଓ ଆନ୍ତର୍ଜାତୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରାଯାଇଛି । ଏହି ସହଯୋଗିତା ୧୫୦ ଲକ୍ଷ ବ୍ୟବହାରକାରୀଙ୍କ ଅଂଶଗ୍ରହଣ ସୃଷ୍ଟି କରିଛି ଓ ୧୫ ଲକ୍ଷ ବ୍ୟବହାରକାରୀ ପୁରସ୍କାର ଭାବରେ ଗୋକ୍ୟାସ+ କୁପନ୍ ପାଇଛନ୍ତି ।
ଅତିରିକ୍ତ ଭାବରେ, ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ନୂଆଦିଲ୍ଲୀର ଆମ୍ବିଏନ୍ସ ମଲ୍ ଓ ବସନ୍ତ କୁଞ୍ଜରେ ବର୍ଦ୍ଧିତ ବାସ୍ତବତା (ଏଆର୍) ପରିଚାଳନା ଅନୁଭୂତି ଜୋନ୍ ପ୍ରସ୍ତୁତ କରି ଏକ ନୂତନ ସୁଯୋଗ ପ୍ରଦାନ କରିଛି, ଯାହା ସେମାନେ ଆଗରୁ କେବେ ପାଇ ନଥିବେ । ଏହି ବୁଥ୍ ଅତ୍ୟନ୍ତ ଲୋକପ୍ରିୟ ହୋଇଛି, ଯେଉଁଠାରେ ବ୍ୟବହାରକାରୀମାନେ ସ୍ୱତନ୍ତ୍ର ଓ ନୂତନ ଗ୍ରିଟିଙ୍ଗ୍‌ସ ତିଆରି କରିବା ନିମନ୍ତେ ହାତ ବଢ଼ାଇଛନ୍ତି । ଟିକ୍‌ଟକ୍ ସହ ଜଡ଼ିତ ହୁଅନ୍ତୁ ଏବଂ ଇନ୍-ଆପ୍ ଅଭିଯାନ ରେ ଯୋଗ ଦେଇ ଏହାର ପ୍ରତିଭାଶୀଳ ଗ୍ରାହକମାନଙ୍କ ସଂପ୍ରସାରିତ ସମୁଦାୟର ଏକ ଅଂଶ ହୁଅନ୍ତୁ ।

# ଜିଲ୍ଲାସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର,(ପିଏନ)-ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ଜିଲ୍ଲା ସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝର ଓ ଦ୍ୱିତୀୟ ସ୍ଥାନରେ ଡି.ଏନ୍. ହାଇସ୍କୁଲ ଅଧିକାର କରିଥିଲେ । ଆସନ୍ତା ତା୦୫.୧୧.୨୦୧୯ରିଖ ଦିନ ଜୋନାଲସ୍ତରର ପ୍ରତିଯୋଗିତାରେ ମୟୂରଭଂଜ, ଦେବଗଡ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ୟାଣ୍ଡ ପ୍ରତିଯୋଗୀମାନେ ଯୋଗ ଦେବେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ, ଜିଲ୍ଲା ଶାରିରୀକ ନିରୀକ୍ଷକ ସରଦାର ବାରିକ, ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଡି.ଏନ୍. ହାଇସ୍କୁଲର କ୍ରୀଡା ଶିକ୍ଷକ ରଞ୍ଜନ ମହାନ୍ତ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କୌସ୍ତୁବମଣି ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ବିଚାରକ ଭାବରେ ରିଜର୍ଭ ପୋଲିସ ବ୍ୟାଣ୍ଡର ଦିଲ୍ଲୀପ କୁମାର ବାରିକ ଓ ବିଭୀଷଣ ଜୁଆଙ୍ଗ ଯୋଗଦେଇଥିଲେ ।

# ଜିଓଫୋନ ଦୀପାବଳି ଅଫରରେ ରେକର୍ଡ ବିକ୍ରି

ଭୁବନେଶ୍ୱର: ଗ୍ରାମାଚଂଳରେ ପ୍ରବଳ ଚାହିଦା ଓ ଜିଓଫୋନ ଦୀପାବଳି ଅଫରରେ ମାତ୍ର ୬୯୯ ଟଙ୍କାରେ ଏହାର ଅତି ସୁଲଭ ତଥା ସୁବିଧା ସୁଯୋଗରେ ପରିପୂର୍ଣ୍ଣ ଜିଓଫୋନର ରେକର୍ଡ ବିକ୍ରିକୁ ଦୃଷ୍ଟିରେ ରଖି ରିଲାଏନ୍ସ ଜିଓ ପକ୍ଷରୁ ଏହି ସ୍ୱତନ୍ତ୍ର ଉତ୍ସବ ଅଫରର ଅବଧି (ସମୟ)କୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ।
ଜିଓଫୋନର ଦଶହରାରୁ ଦୀପାବଳି ଅଫର ଦେଶର ଗ୍ରାମାଚଂଳ ଓ ଦୁର୍ଗମ ଅଂଚଳର ନିୟୁତାଧିକ ୨ଜି ଗ୍ରାହକଙ୍କୁ ଏକ ଡିଜିଟାଲ ଜୀବନକୁ ଗ୍ରହଣ କରିବା ଏବଂ ଏହି ଉତ୍ସବ ଅବସରରେ ଡିଜିଟାଲ ସମୃଦ୍ଧି ହାସଲ କରିବାରେ ସହାୟକ ହୋଇଛି । ଜିଓଫୋନ ଦୀପାବଳି ଅଫରରେ ବିଗତ ତିନି ସପ୍ତାହ ଭିତରେ ଜିଓଫୋନର ରେକର୍ଡ ବିକ୍ରି ହୋଇଛି । ସେଥିପାଇଁ ଜିଓ ତରଫରୁ ଏହି ଅଫରକୁ ଆଉ ଅଧିକ ଏକ ମାସ ଅର୍ଥାତ ନଭେମ୍ବର ଶେଷ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତି ନିଆଯାଇଛି । ଏହି ସଂପ୍ରସାରଣ ଜରିଆରେ ଜିଓ ଆଶା କରୁଛି ଯେ ଅନେକ ୨ଜି ଫିଚର ଫୋନ୍ ଗ୍ରାହକ ଜିଓଫୋନ୍ ପ୍ଲାଟଫର୍ମକୁ ଆସିପାରିବେ ଏବଂ ଏହା ଏକକ ସର୍ବବୃହତ ୪ଜି ଡିଭାଇସ ପ୍ଲାଟଫର୍ମର ମାନ୍ୟତା ଜାରି ରଖିବ ।
ଜିଓଫୋନ ଦୀପାବଳି ଅଫର ଜରିଆରେ ଦେଶର ଗ୍ରାମାଂଚଳ ଏବଂ ଆଭ୍ୟନ୍ତରୀଣ ତଥା ଦୁର୍ଗମ ଅଂଚଳରେ ବସବାସ କରୁଥିବା ନିୟୁତାଧିକ ଲୋକ ସୁଲଭ ଟେଲିଫୋନ ସଂଯୋଗ ହାସଲ କରି ଅତ୍ୟନ୍ତ ଉଲ୍ଲସିତ ହୋଇଛନ୍ତି ଯାହା ଏହି ଅଫରକୁ ବ୍ୟାପକ ଭାବରେ ସଫଳ କରିପାରିଛି କାରଣ ସେମାନେ ୪ଜି ଡିଜିଟାଲ ସେବାରେ ଯୋଗ ଦେଇ ଭିଡିଓ କଲିଂ, ଲାଇଭ ମ୍ୟୁଜିକ, ଟିଭି ଏବଂ ମନୋରଂଜନ ଆଦି ବହୁତ କିଛି ସେବାକୁ ଫୋନରେ ଉପଭୋଗ କରିପାରୁଛନ୍ତି । ଜିଓଫୋନର ପ୍ରବଳ ଲୋକପ୍ରିୟତାକୁ ବଳରେ ଜିଓ ପ୍ରତି ମାସରେ ଗ୍ରାମାଚଂଳରେ ନିୟୁତାଧିକ ଗ୍ରାମୀଣ ଗ୍ରାହକଙ୍କୁ ସାମିଲ ଜାରି ରଖିଥବା ବେଳେ ଗ୍ରାହକଙ୍କୁ ସୁଲଭ ସେବା ପ୍ରଦାନ କରିପାରୁନଥିବାରୁ ଅନ୍ୟ ଅପରେଟରମାନେ ନିୟୁତାଧିକ ଗ୍ରାହକ ହରାଉଛନ୍ତି । ଓଡ଼ିଶାର କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଭଳି ଜିଲ୍ଲାର ଦୁର୍ଗମ ଆଦିବାସୀ ଅଂଚଳ ହେଉ କିମ୍ବା ମଧ୍ୟ ପ୍ରଦେଶ, ଛତିଶଗଡ଼ କିମ୍ବା ଝାଡ଼ଖଣ୍ଡର ଅତ୍ୟନ୍ତ ଗ୍ରାମୀଣ ଏବଂ ପାହାଡ଼ିଆ ଅଂଚଳରେ ଜିଓଫୋନର ପ୍ରବଳ ଚାହିଦା ଓ ରେକର୍ଡ ବିକ୍ରି ଦେଖିବାକୁ ମିଳିଛି । ଏହା ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରୁଛି ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଓଫୋନ ଦୀପାବଳି ଅଫର ଗ୍ରାହକମାନଙ୍କୁ ଲୋକପ୍ରିୟ ତଥା ବ୍ୟାପକ ସୁବିଧା ସୁଯୋଗରେ ପରିପୂର୍ଣ୍ଣ ଜିଓଫୋନକୁ ୬୯୯ ଟଙ୍କା ଭଳି ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରୁଛି ଯାହା ଦ୍ୱାରା ସେମାନେ ଏହି ସ୍ୱତନ୍ତ୍ର ଉତ୍ସବ ଅଫର ଅବଧିରେ ସିଧାସଳଖ ୮୦୦ ଟଙ୍କାର ସଂଚୟ କରୁଛନ୍ତି । ଏହି ଅଫର ଅତିରିକ୍ତ ୭୦୦ ଟଙ୍କାର ଡାଟା ସୁବିଧା ପ୍ରଦାନ କରୁଛି ଫଳରେ ଜିଓଫୋନ ଗ୍ରାହକମାନେ ମନୋରଂଜନ, ପେମେଂଟ, ଇ-କମର୍ସ, ଶିକ୍ଷା, ଶିକ୍ଷଣୀୟ, ଟ୍ରେନ ଓ ବସ ବୁକିଙ୍ଗ ଏବଂ ଆହୁରି ବହୁତ କିଛିର ଏକ ଅଦେଖା ଦୁନିଆରେ ପ୍ରବେଶ କରିପାରୁଛନ୍ତି । ଗ୍ରାହକମାନେ କରୁଥିବା ପ୍ରଥମ ୭ଟି ରିଚାର୍ଜ (୯୯ ଟଙ୍କା ଲେଖାଏଁ ସାତ ଥର) ଉପରେ ଏହି ଅତିରିକ୍ତ ଡାଟା ପ୍ରଦାନ କରାଯାଉଛି ।

# ଉତ୍କୃଷ୍ଟ ବିନିର୍ମାଣରେ ହିରୋ ମୋଟୋକର୍ପ ନୂତନ ବେଂଚମାର୍କ ସେଟ କରିଛି

ଭୁବନେଶ୍ୱର-ବିଶ୍ୱର ବୃହତମ ମଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ହିରୋ ମୋଟୋକର୍ପ ଉତରୀ ଭାରତୀୟ ପର୍ବତ୍ୟ ପ୍ରଦେଶ ଉତରାଖଣ୍ଡ ହରିଦ୍ୱାରରେ ଏହାର ବିନିର୍ମାଣ ସୁବିଧାରେ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନରେ ୨୫ମିଲିୟନ ୟୁନିଟ ଅତିକ୍ରମରେ ଅସାଧାରଣ ଗୌରବ ଉପଲବ୍ଧ କରି ଏହାର ପ୍ରଶଂସନୀୟ ଯାତ୍ରାରେ ପୁଣି ଅନ୍ୟ ଏକ ମାଇଲ ଖୁଂଟ ଅତିକ୍ରମ କରିଛି । ଏପ୍ରିଲ ୨୦୦୮ରେ ଚାଲୁ କରାଯାଇଥିବା ବିନିର୍ମାଣ ସୁବିଧା ସଂଚାଳନର କେବଳ ୧୧ ବର୍ଷରେ ଏହି ମାଇଲ ଖୁଂଟ ଉପଲବ୍ଧ କରିଛି ଯାହା ଏକ ଉଦ୍ୟୋଗ ରେକର୍ଡ ଅଟେ । ଦୈନିକ ୯୫୦୦ ଯାନ ଉତ୍ପାଦନ କରିବା କ୍ଷମତା ସହିତ ସଂସ୍ଥାପିତ ହିରୋ ମୋଟୋକର୍ପର ହରିଦ୍ୱାର ସୁବିଧା ମଧ୍ୟ ବିଶ୍ୱର ବୃହତମ ଦୁଇ-ଚକିଆ ବିନିର୍ମାଣ ପ୍ଲାଂଟ ଅଟେ ।
ଏହି ଅବସରରେ କହିବାକୁ ଯାଇ ମିଷ୍ଟର ବିକ୍ରମ କାସେବକର, କାର୍ଯ୍ୟକାରୀ ନିର୍ଦ୍ଦେଶକ (ସଂଚାଳନ) ଏବଂ ମୁଖ୍ୟ ଜ୍ଞାନକୌଶଳ ଅଫିସର, ମୋଟୋକର୍ପ କହିଲେ, "ଏହା କେବଳ ହରିଦ୍ୱାର ବିନିର୍ମାଣ ପ୍ଲାଂଟ ପାଇଁ ହିଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଂଟ ନିହେଁ, ଏହା ସମଗ୍ର ସଂଗଠନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ମୋଟୋକର୍ପରେ ଆମେ ପାଳନ କରୁଥିବା ବିନିର୍ମାଣ ପ୍ରଥା ସର୍ବଦା ଉଦ୍ୟୋଗରେ ଏକ ନୂତନ ବେଂଚମାର୍କ ସେଟ କରିଥାଏ । ଏହାର ସଂଚାଳନ ଚାଲୁହେବା ପରଠାରୁ ଏତେ କମ୍ ସମୟ ମଧ୍ୟରେ ଆମର ହରିଦ୍ୱାର ପ୍ଲାଂଟରେ ୨୫ମିଲିୟନ ଦୁଇ-ଚକିଆର ଉତ୍ପାଦନ ଟିମ ର ସମର୍ପଣ ଏବଂ ସକ୍ଷମତାର ସାକ୍ଷ୍ୟ ବହନ କରିଥାଏ । ଆମର ସମସ୍ତ ମୂଲ୍ୟବାନ ଗ୍ରାହକ, ଅଂଶିଦାର, ନିବେଶକ, ଉତରାଖଣ୍ଡ ରାଜ୍ୟ ସରକାର ଏବଂ ସମସ୍ତ ହିତଧାରକମାନଙ୍କର ଆମ ପ୍ରତି ନିରନ୍ତର ସମର୍ଥନ ଏବଂ ବିଶ୍ୱାସ ପାଇଁ ଆମେ ସେମାନଙ୍କ ପାଖରେ କୃତଜ୍ଞ ଅଟୁ ।"
ନିରନ୍ତରତା ଏପରେ ହିରୋ ମୋଟୋକର୍ପର ଧ୍ୟାନ କେନ୍ଦ୍ରିତ ରଖି ହରିଦ୍ୱାର ବିନିର୍ମାଣ ସୁବିଧାରେ ୪୫୦୦ ବର୍ଗ ମିଟର ବ୍ୟାପ୍ତ ବିଶ୍ୱର ବୃହତମ ସବୁଜ-ଛାତ କରାଯାଇଛି । ୧.୯୫ ମେଗା ୱାଟର ସୌର ଶକ୍ତି ପ୍ଲାଂଟ ଉତ୍ପନ୍ନ କରିଥାଏ, ତରଳ ନିର୍ଗମନ ଶୂନ୍ୟ ଏବଂ ବର୍ଷା ପାଣି ଅମଳ କରିବାକୁ ଏକ ହ୍ରଦ ରହିଛି ।




# କମୁଛି ରୋଗ ବୋଝ, ବଢୁଛି ଆୟୁଷ



ଭୁବନେଶ୍ୱର (ପିଏନ୍): ଚିକିତ୍ସା ବିଜ୍ଞାନରେ ଆଧୁନିକତା ଯୋଗୁଁ ଏବେ ଅନେକ ରୋଗରୁ ମୁକ୍ତି ମିଳିପାରୁଛି। ଗଣମାଧ୍ୟମ ଜରିଆରେ ସଚେତନତା ବାର୍ତ୍ତା ପ୍ରସାର ହେବା ଫଳରେ ଲୋକେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୋଇଗଲେଣି। ଚିକିତ୍ସା କ୍ଷେତ୍ରରେ ଏହି ଦ୍ରୁତ ଅଗ୍ରଗତି ଯୋଗୁଁ ଭାରତୀୟମାନେ ପୂର୍ବାପେକ୍ଷା କମ୍ ରୋଗାକ୍ରାନ୍ତ ହେଉଛନ୍ତି। ୧୯୯୦ରୁ ୨୦୧୭ ମଧ୍ୟରେ ଦେଶରେ ବ୍ୟକ୍ତି ପିଛା ରୋଗ ବୋଧ ୩୬% ହ୍ରାସ ପାଇଛି। ମୋଟାମୋଟି ଭାରତରେ ଲୋକଙ୍କ ଆୟୁଷ ବଢ଼ିବାରେ ଲାଗିଛି। ୧୯୯୦ ମସିହାରେ ମହିଳାଙ୍କ ହାରାହାରି ଆୟୁଷ ୫୯.୭ ବର୍ଷ ଥିଲା, ଯାହାକି ୨୦୧୬ରେ ୭୦.୩ ବର୍ଷ ହୋଇଛି। ସେହିପରି ପୁରୁଷଙ୍କ ଆୟୁଷ ୫୮.୩ ବର୍ଷରୁ ୬୬.୯ ବର୍ଷ ହୋଇଛି। ଉତ୍ତରପ୍ରଦେଶ ତୁଳନାରେ କେରଳ ମହିଳା (୭୮.୭ ବର୍ଷ) ଏବଂ ଆସାମ ତୁଳନାରେ କେରଳ ପୁରୁଷ (୭୩.୮ ବର୍ଷ)ଙ୍କ ଆୟୁଷ ଅଧିକ ବୋଲି ମଙ୍ଗଳବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଡିଆ ଷ୍ଟେଟ ଲେଭଲ୍ ଡିଜିଜ୍ ବର୍ଡ଼ନ ଇନିସିଏଟିଭ୍ ରିପୋର୍ଟ ଅନୁଯାୟୀ ବିଗତ ବର୍ଷଗୁଡ଼ିକ ତୁଳନାରେ ଗତ ତିନିଦଶନ୍ଧି ମଧ୍ୟରେ ଭାରତରେ ଚିକିତ୍ସା ସେବା ଅନେକ ଆଗେଇଛି। ତେବେ ୧୯୯୦ରେ ମୋଟ ରୋଗ ବୋଝ ମଧ୍ୟରୁ ସଂକ୍ରମଣ, ମାତୃତ୍ୱଜନିତ, ନବଜାତ ଓ ପୁଷ୍ଟିହୀନତା ସମ୍ବନ୍ଧୀୟ ରୋଗୀ ସଂଖ୍ୟା ୬୧% ଥିଲା। କିନ୍ତୁ ୨୦୧୬ ସୁଦ୍ଧା ଏହା ୩୩ ପ୍ରତିଶତକୁ ଖସି ଆସିଛି। ତେବେ ଏହି ୧୬ ବର୍ଷ ମଧ୍ୟରେ ଅଣସଂକ୍ରାମକ ରୋଗ ଓ ରୋଗୀ ସଂଖ୍ୟା ବଢ଼ିଛି। ୧୯୯୦ରେ ମୋଟ ରୋଗ ବୋଝରୁ ଅଣସଂକ୍ରାମକ ରୋଗରେ ଆକ୍ରାନ୍ତଙ୍କ ହାର ୩୦% ଥିଲା। ୨୦୧୬ ବେଳକୁ ଏହା ୫୫% ଛୁଇଁଛି। ସେହିପରି ବିଭିନ୍ନ ଦୁର୍ଘଟଣାଜନିତ ଆହତଙ୍କ ସଂଖ୍ୟା ହାରାହାରି ୯ରୁ ୧୨% ହୋଇଛି। ଦେଶର ବିଭିନ୍ନ ରାଜ୍ୟକୁ ତୁଳନା କଲେ ରୋଗ ହାରରେ ଅନେକ ଫରକ ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ ୧୯୯୦ରେ ଅନେକ ରାଜ୍ୟରେ ସଂକ୍ରାମକ ରୋଗ ମାତ୍ରା ଅଧିକ ଦେଖିବାକୁ ମିଳୁଥିଲା। କିନ୍ତୁ ୨୦୧୬ରେ ଏହା ଅଧା କମକିଯାଇଛି। ୯୦ ଦଶକଠାରୁ ସମସ୍ତ ରାଜ୍ୟରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଢ଼େର କମିଛି। କିନ୍ତୁ ତୁଳନାତ୍ମକ ଭାବେ ଦେଖିଲେ ଗତ ୧୬ ବର୍ଷରେ ରାଜ୍ୟଗୁଡ଼ିକ ମଧ୍ୟରେ ଏହି ହାର ଚାରିଗୁଣା ଫରକ ରହିଛି। ଶିଶୁ ମୃତ୍ୟୁହାରରେ ଆସାମ ଓ ଉତ୍ତରପ୍ରଦେଶ ଆଗୁଆ ଥିବାବେଳେ କେରଳ ସବୁଠାରୁ ପଛରେ ରହିଛି। ସେହିପରି ୫ଟି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ରହିଛି ହୃଦ୍‌ରୋଗ, ଫୁସ୍‌ଫୁସ୍ ରୋଗ ଏବଂ ହୃଦ୍‌ଘାତ। ଅସ୍ୱାସ୍ଥ୍ୟକର ଖାଦ୍ୟଗ୍ରହଣ, ଉଚ୍ଚରକ୍ତଚାପ, ରକ୍ତଶର୍କରା ବୃଦ୍ଧି, କୋଲେଷ୍ଟ୍ରଲ୍ ବୃଦ୍ଧି, ମୋଟାପଣ ଯୋଗୁଁ ହୃଦ୍‌ରୋଗ, ମଧୁମେହ ରୋଗ ଏବଂ ହୃଦ୍‌ଘାତ ହେଉଛି। ଏହିସବୁ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ୧୯୯୦ରୁ ୨୦୧୬ ମଧ୍ୟରେ ୧୦% ରୁ ୨୫% ବଢ଼ିଛି। ଜାପାନ ଯେତେବେଳେ ୧୯୬୩ରେ ସେ ଦେଶରେ ଶତାୟୁମାନଙ୍କର ଗଣତି ଆରମ୍ଭ କଲା, ସେତେବେଳେ ସେଠାରେ ୧୫୩ ଜଣ ଶତାୟୁ ଥିଲେ ବୋଲି ଜଣାପଡ଼ିଥିଲା। ନିକଟରେ ଜାପାନ ସରକାର ପ୍ରକାଶ କରିଥିବା ସଦ୍ୟତମ ସୂଚନା ଅନୁସାରେ ସେ ଦେଶରେ ଶତାୟୁମାନଙ୍କ ସଂଖ୍ୟା ପହଞ୍ଚିଲାଣି ୪୭,୭୫୬ରେ। ଜାପାନର ଲୋକସଂଖ୍ୟା ପାଖାପାଖି ପ୍ରାୟ ୧୪ କୋଟି ହୋଇଥିବାବେଳେ ପୃଥିବୀର ସର୍ବାଧିକ ସଂଖ୍ୟକ ଶତାୟୁମାନଙ୍କୁ ସେଠାରେ ଦେଖିବାକୁ ମିଳିଥାଏ। ସେତିକି ନୁହେଁ ଜାପାନୀମାନଙ୍କର ହାରାହାରି ଆୟୁଷ ମଧ୍ୟ ପୃଥିବୀର ସର୍ବାଧିକ। ଅବଶ୍ୟ ଅନ୍ୟ ପକ୍ଷରେ ସେଠାରେ ଜନ୍ମ ହାର ବହୁତ ନୀଚା ହୋଇଥିବାରୁ ଜାପାନର ଲୋକସଂଖ୍ୟା ହ୍ରାସ ପାଇ ଚାଲିଛି ଏବଂ ସେଥିରେ ବୃଦ୍ଧ ବୃଦ୍ଧାଙ୍କ ଅନୁପାତ ବୃଦ୍ଧି ପାଇ ଚାଲିଛି। ଏହି ପୃଷ୍ଠଭୂମିରେ ଦେଖିଲେ ସେଇ ଜାପାନର ବୈଜ୍ଞାନିକମାନେ ହିଁ ପୃଥିବୀରେ ମନୁଷ୍ୟର ଆୟୁଷକୁ ଆହୁରି ଦୀର୍ଘ କରିବା ପାଇଁ କୌଶଳ ଉଦ୍ଭାବନ କରିବା ଯଥାର୍ଥ ମନେହୁଏ। ପ୍ରଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର'ରେ ଜାପାନର 'ରାଇଜେନ୍ ସେଣ୍ଟର ଫର ଡେଭଲପମେଣ୍ଟ ବାୟୋଲୋଜି'ର ଗବେଷକମାନଙ୍କର ଏକ ସଦ୍ୟ ପ୍ରକାଶିତ ଗବେଷଣାଲବ୍ଧ ଫଳାଫଳ ଏହି ସମ୍ଭାବନାର ଦୃଢ଼ ସୂଚନା ଦେଉଛି। ଅଧିକାଂଶ ଏଭଳି ଗବେଷଣା ପରି ଜାପାନୀ ବୈଜ୍ଞାନିକମାନେ ମୂଷା ଉପରେ ସେମାନଙ୍କର ପରୀକ୍ଷା କରିଛନ୍ତି, ଯାହା ପରେ ମନୁଷ୍ୟ ଠାରେ ପ୍ରୟୋଗ କରାଯାଇପାରେ। ଉଭୟ ମନୁଷ୍ୟ ତଥା ଅନ୍ୟାନ୍ୟ ଜୀବମାନଙ୍କ ମସ୍ତିଷ୍କର ମୂଳରେ ଥିବା ପିଟୁଇଟାରି ଗ୍ରନ୍ଥିରୁ ଝରୁଥିବା ହର୍‌ମୋନ ସବୁ ସେମାନଙ୍କର ଶରୀରକୁ ଠିକ୍ ଭାବରେ କାର୍ଯ୍ୟ କରିବାରେ ସକ୍ଷମ କରିଥାଏ। ଏହା ଯେଉଁ ସମ୍ଭାବନାର ଦ୍ୱାର ଖୋଲି ଦେଉଛି ତାହା କୌଣସି କାଳ୍ପନିକ ବିଜ୍ଞାନ କାହାଣୀର କଥାବସ୍ତୁ ଭଳି। କ୍ରମେ କୌଣସି ମନୁଷ୍ୟର ନିଜ ଶରୀରରୁ ସଂଗୃହୀତ ଷ୍ଟେମ ସେଲକୁ ଆଧାର କରି ତାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ଅରଖ ନୂଆ ସଂସ୍କରଣ ତିଆରି କରାଯାଇ ପାରିବ। ବୟସ ବଢ଼ିବା ସହିତ ଯେଉଁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ବା ଅକାମି ହୋଇଯିବ ତାହା ସ୍ଥାନରେ ଏକ କୃତ୍ରିମ ଅଂଶଗୁଡ଼ିକ ରୋପଣ କରି ଦିଆଯିବ। ଏହାଦ୍ୱାରା ଦୁର୍ବଳ ଅଙ୍ଗ ପ୍ରତ୍ୟଙ୍ଗ ଜନିତ ଅନେକ ମାରାତ୍ମକ ରୋଗକୁ ଦୂରେଇ ଦିଆଯାଇ ପାରିବ। ଜୀବନ ଲମ୍ବି ଯିବ, ମୃତ୍ୟୁ ଘୁଞ୍ଚି ଘୁଞ୍ଚି ଯିବ। ଜାପାନୀମାନଙ୍କର ଆୟୁଷ ଦୁଇଶହ ବର୍ଷ ଅତିକ୍ରମ କରିବ। ଅନ୍ୟ ଦେଶମାନଙ୍କରେ ଶତାୟୁମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ। ମନୁଷ୍ୟ ସର୍ବଦା ଦୀର୍ଘ ଜୀବନ କାମନା କରିଥାଏ। ଆଧୁନିକ ବିଜ୍ଞାନକୁ କାର୍ଯ୍ୟରେ ଲଗାଇ ସେ ଏହା ହାସଲ କରିବା ପାଇଁ ଅବିରତ ଉଦ୍ୟମ କରି ଚାଲିଛି। ବିଗତ ଶତାବ୍ଦୀର ଆରମ୍ଭ ସମୟରେ ପୃଥିବୀରେ ମନୁଷ୍ୟର ହାରାହାରି ଆୟୁଷ ପ୍ରାୟ ପଇଁତିରିଶ ବର୍ଷ ଥିବା ବେଳେ ଶତାବ୍ଦୀର ଶେଷ ବେଳକୁ ତାହା ପ୍ରାୟ ଦୁଇଗୁଣ ହୋଇ ସତୁରୀ ବର୍ଷରେ ପହଞ୍ଚିଥିଲା। ଏବେ ପୃଥିବୀର ଜନସଂଖ୍ୟା ଅନ୍ୟୁନ ୭୧୦ କୋଟି ଛୁଇଁବା ପଛରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଯେଉଁମାନେ ଜନ୍ମ ହେଉଛନ୍ତି ସେମାନେ ପୃଥିବୀ ପୃଷ୍ଠରେ ଅଧିକରୁ ଅଧିକ କାଳ ଆତଯାତ ହେଉଛନ୍ତି। ୧୯୬୦ରେ ପୃଥିବୀର ଜନସଂଖ୍ୟା ଥିଲା ୩୦୦ କୋଟି, ୧୯୯୯ରେ ଥିଲା ୬୦୦ କୋଟି ଏବଂ ଅନୁମାନ କରାଯାଉଛି ଯେ ୨୦୨୭ରେ ୮୦୦ କୋଟି ଏବଂ ୨୦୪୬ରେ ୯୦୦ କୋଟିରେ ପହଞ୍ଚିବ। ଅତି ଦୀର୍ଘ ଜୀବନ କାମନା କରୁଥିବା ମନୁଷ୍ୟର ସ୍ୱପ୍ନ ସାକାର ହେବାର ଏହି ବାସ୍ତବ ସମ୍ଭାବନା ବ୍ୟକ୍ତି ପାଇଁ ଏକ ଆଶୀର୍ବାଦ ହୋଇପାରେ, କାରଣ ଆୟୁଷ ଲମ୍ବା ହେବା ବହିତ ବାର୍ଦ୍ଧକ୍ୟ ମଧ୍ୟ ଘୁଞ୍ଚି ଘୁଞ୍ଚି ଯିବ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ। କିନ୍ତୁ ଏହି ବର୍ଦ୍ଧିଷ୍ଣୁ ଦୀର୍ଘାୟୁ ଲୋକସଂଖ୍ୟାକୁ ଧାରଣ କରିବା ପାଇଁ ଧରିତ୍ରୀ ସକ୍ଷମ ହେବ ତ? ଏକ ହିସାବ ଅନୁସାରେ ଯଦି ପୃଥିବୀର ପ୍ରତ୍ୟେକ ଲୋକର ଜୀବନଧାରଣର ମାନ ଆମେରିକୀୟମାନଙ୍କର ହାରାହାରି ଜୀବନ ଧାରଣର ମାନ ସହ ସମାନ ହୁଏ ତେବେ ପୃଥିବୀର ବର୍ତ୍ତମାନ ଲୋକସଂଖ୍ୟାକୁ ସମ୍ଭାଳିବା ପାଇଁ ଯେତିକି ସମ୍ବଳ ଦରକାର ହେବ ପୃଥିବୀ ଗ୍ରହରେ ତାର ମାତ୍ର ଏକ ପଞ୍ଚମାଂଶ ସମ୍ବଳ ରହିଛି, ବା ଏହି ଆବଶ୍ୟକତା ପୂରଣ ପାଇଁ ୫ଟି ପୃଥିବୀ ଦରକାର ହେବ। ଏକ ରିପୋର୍ଟ ଅନୁସାରେ ଆସନ୍ତା ୨୬ ବର୍ଷ ମଧ୍ୟରେ ପୃଥିବୀରେ କୋଇଲା ବ୍ୟବହାରରେ ୬୫ ପ୍ରତିଶତ ବୃଦ୍ଧି ଘଟିବ। ଅଙ୍ଗାର ନିର୍ଗମନରେ ଅନୁରୂପ ବୃଦ୍ଧି ଘଟି ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ଏହାଦ୍ୱାରା ଅଧିକ ଜଟିଳ ହେବ। ହୁଏତ ଏ ସବୁ ସମସ୍ୟାର ସମାଧାନ ପାଇଁ ମନୁଷ୍ୟ ନୂଆ ଜୀବନଧାରଣକ୍ଷମ ଗ୍ରହମାନ ଖୋଜିବାରେ ଲାଗିବ ଓ ବିଜ୍ଞାନ ବଳରେ ଅନୁସନ୍ଧାନରେ ସଫଳ ହେବ। ତାହେଲେ ଅତି ଦୀର୍ଘ ଜୀବନ କିମ୍ବା ଅତି ବିଶାଳ ଜନସଂଖ୍ୟା ଆଉ ଏକ ସମସ୍ୟା ହୋଇ ଉଭା ହେବନାହିଁ। ନଚେତ୍ ବିଜ୍ଞାନର ଏହି ଆଶୀର୍ବାଦ ଅଭିଶାପରେ ପରିଣତ ହୋଇଯାଇପାରେ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)**

## ଆକାଶରେ ହାଲକା ବାଦଲ, ଖଳାରେ ଧାନ, ଚିନ୍ତାରେ ଚାଷୀ

କେନ୍ଦୁଝର (ପିଏନ୍): ଦୀର୍ଘ ଦିନର କଠୋର ପରିଶ୍ରମ କରି ବର୍ଷଯାକ ପାଇଁ ନିଜର ପରିବାରର ପେଟ ପୋଷିବା ନିମନ୍ତେ ଧାନ ଗଣ୍ଡେ ଚାଷ କରିଥିବା ଚାଷୀ ଆକାଶରେ ହାଲକା ବାଦଲ ଦେଖି ଆଜି ଘୋର ଚିନ୍ତାରେ। କିଛି ଚାଷୀଙ୍କ କହିବା ହିସାବରେ ଯଦି ବର୍ତମାନ କୌଣସି କାରଣରୁ ବର୍ଷା ହୁଏ ତେବେ ଗଜା ମରୁଡି ହେବା ସୁନିଶ୍ଚିତ। ଯଦି ଗଜାମରୁଡି ହୁଏ, ତେବେ ବର୍ଷଯାକର ପରିଶ୍ରମ ମାଟିରେ ମିଶିଯିବ। ତାଙ୍କ କହିବା ଅନୁସାରେ ଏକେ ତ ଏ ସନ ବିଳମ୍ବରେ ବର୍ଷା ଆରମ୍ଭ ହେଲା ପୁଣି ଯେତିକି ଆବଶ୍ୟକ ସେତେବେଳେ ବର୍ଷା ହେଲାନାହିଁ। ଏବେ ଯଦି ବର୍ଷା ହୁଏ ତେବେ ଆମେ କରିବୁ କ'ଣ?

## ପରିଶେଷରେ ଆଶ୍ରମ ଛୁଆମାନେ ପାଇବେ କମ୍ବଳ

କେନ୍ଦୁଝର (ପିଏନ୍): ବୟନୀକା ତରଫରୁ କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ବରାଦ କରାଯାଇଥିବା କମ୍ବଳ ଆସି ପହଂଚିଛି। ତଥ୍ୟ ନେବାରୁ ଜଣାପଡିଛି କି ଏହା ବରାଦ କରାଯାଇଥିବା ପରିମାଣର ଅଧା ଅଟେ। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ବରାଦ କରାଯାଇଥିବା କମ୍ବଳ ବୟନୀକା ତରଫରୁ ଆସି ପହଂଚିବା ଦେଖି କିଛି ବ୍ୟକ୍ତି ନିଜ ନିଜ ଭିତରେ କୁହାବୋଲା ହେଉଥିଲେ କି ଦୀର୍ଘ ୧୫ଦିନ ଶୀତରେ ରହିବା ପରେ ଆଶ୍ରମ ବିଦ୍ୟାଳୟର ଛୁଆମାନେ ଏବେ ଟିକେ କମ୍ବଳର ଉଷୁମ ଟାଣିବେ।

## ଶୁଆକାଟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୀତା ଯଜ୍ଞ

କେନ୍ଦୁଝର (ପିଏନ୍): ଶୁଆକାଟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ପାଳିତ ହୋଇଯାଇଛି ଗୀତାଯଜ୍ଞ। ଏହି ଅବସରରେ ସ୍ଥାନୀୟ ହନୁମାନ ମନ୍ଦିରରୁ ଶୋଭାଯାତ୍ରା ଆରମ୍ଭ ହୋଇ ଶିଶୁ ମନ୍ଦିରକୁ ପହଂଚିବା ପରେ ବର୍ଣ୍ଣାଢ୍ୟ ତଥା ଚିତାକର୍ଷକ ପରିବେଶ ମଧ୍ୟରେ ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ବିଦ୍ୟାର୍ଥୀମାନଙ୍କ ଗହଣରେ ଗୀତା ପାଠ ଏବଂ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ସମସ୍ତ ଗୁରୁଜୀ, ଗୁରୁମା' ତଥା ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କର ଅଭିଭାବକ ଅଭିଭାବିକାମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ସମାରୋହରେ ଶ୍ରୀଯୁକ୍ତ ବଳଭଦ୍ର ପ୍ରଧାନ ଏବଂ ଗୁରୁମା' ଶ୍ରଦ୍ଧାଞ୍ଜଳୀ ପତିଙ୍କ ସହ ସମସ୍ତ ଗୁରୁଜୀ ଓ ଗୁରୁମା'ମାନେ ମନପ୍ରାଣ ଦେଇ ସହଯୋଗ କରିଥିଲେ।

## ଗୋବିନ୍ଦପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଗୀତା ଯଜ୍ଞ ପାଳିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ସହରର ଗୋବିନ୍ଦପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ପାଳିତ ହୋଇଯାଇଛି ଗୀତା ଯଜ୍ଞ। ଗତ ତା୧୦.୧୨.୨୦୧୯ରିଖ ରୁ ଆରମ୍ଭ ହୋଇ ତା୧୨.୧୨.୨୦୧୯ରିଖ ପର୍ଯ୍ୟନ୍ତ ଏହା ଚାଲିଥିଲା। ଏହି ଉତ୍ସବରେ ସାମୁହିକ ଗୀତା ପାଠ ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅନୁଷ୍ଠାନରେ ଯଦୁମଣି ମିଶ୍ର ମୁଖ୍ୟ ପୁରୋଧା ଥିବା ସହ ମଦନମୋହନ ଦ୍ୱିବେଦୀ, ଜୟଗୋବିନ୍ଦ ମିଶ୍ର, ଚୈତନ୍ୟ ସାହା, ସରୋଜିନୀ ରାଉତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିଥିଲେ। ଅନୁଷ୍ଠାନ ତରଫରୁ ଗତ ତା୧୨.୧୨.୨୦୧୯ରିଖ ଦିବା ୨ଘଟିକା ସମୟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ-ଥିଲା। ଏହି ଅନୁଷ୍ଠାନରେ ସବାନ୍ଧବେ, ସକୁଟୁମ୍ବେ ଯୋଗ ଦେଇ କଳିଯୁଗରେ ଗୀତା ଶ୍ରବଣ କରି ନିଜର ଜ୍ଞାତ ଅଜ୍ଞାତ ପାପରାଶି ଖଣ୍ଡନ କରିବା ସହ ବିଭୁକୃପା ଲାଭ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଥିଲା।

# ମହାନ କଥାକାର ଅଖିଳ ମୋହନ





ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ଅଖିଳ ମୋହନ ପଟ୍ଟନାୟକ ଏକ ଜଣାଶୁଣା ନାମ। ତାଙ୍କ ଗାଳ୍ପିକ ଜୀବନ ଅବଶ୍ୟ ଏହାର ଅନ୍ୟୂନ ଏକ ଦଶନ୍ଧି ପୂର୍ବରୁ ଆରମ୍ଭ ହୋଇସାରିଥିଲା। ସ୍ୱାଧୀନତା ପରେ ଗଳ୍ପ ସୃଷ୍ଟିର ଯେଉଁ ନୂତନ ଧାରା ଆରମ୍ଭ ହୋଇଥିଲା, ତାହାର ଅନ୍ୟତମ ମୁଖ୍ୟ ସାରସ୍ୱତ ସାରଥି ସେ। ପୁଣି ଧାରା ଉପରେ ସେ ଆଙ୍କିଥିଲେ ଆଉ ଏକ ନୂତନ ଧାରା, ଯାହା ତାଙ୍କର ସଂପୂର୍ଣ୍ଣ ନିଜସ୍ୱ। ସେ ଥିଲେ ବାସ୍ତବବାଦୀ ସ୍ରଷ୍ଟା। ମୁଁ କାହିଁକି ଲେଖେ, ଶୀର୍ଷକରେ ସ୍ୱଷ୍ଟ କହିଛନ୍ତି ଜୀବନରେ କୌଣସି ବାସ୍ତବ ଅନୁଭୂତି ଧାରଣ ନକରିବା ପର୍ଯ୍ୟନ୍ତ ମୁଁ ଗଳ୍ପ ଲେଖିବାରେ ମନୋନିବେଶ କରେନାହିଁ। ତାଙ୍କର ଅଧିକାଂଶ ଗପ ଅନୁଭୂତିସିଦ୍ଧ; କଳ୍ପନା ପ୍ରାୟ ଦୃଶ୍ୟମାନ ହୁଏନାହିଁ। ପେସାରେ ଅଖିଳ ମୋହନ ଥିଲେ ଆଇନଜୀବୀ। ଆଉ ଗଳ୍ପ ଲେଖିବା ଥିଲା ନିଶା ତଥା ଜୀବନ। କର୍ମମୟ ଜୀବନରେ ସେ ଆଇନ ବ୍ୟବସାୟକୁ କେତେ ସମୟ ଦେଇଥିଲେ ଏବଂ ଗଳ୍ପକୁ କେତେ ସମୟ ଅଜଣା। ତେବେ, ଏହା ମଧ୍ୟ ସତ୍ୟ ଯେ, ମହକିଲମାନଙ୍କୁ ଉପେକ୍ଷା କରୁନଥିଲେ। ଉଭୟ ଆଇନ ଓ ସାହିତ୍ୟ ସହ ତାଙ୍କର ସମ୍ପର୍କ ଥିଲା। ସାହିତ୍ୟ ଥିଲା ଟିକିଏ ଅଧିକ ନିଜର। ତେଣୁ, କେହି କେହି କହନ୍ତି ଆଇନ ତାଙ୍କର ପତ୍ନୀ ଭଳି ସହାୟିକା ଏବଂ ଗଳ୍ପ ତାଙ୍କର ପ୍ରିୟତମା ପ୍ରେମିକା। ସେ ଥିଲେ ବିଚକ୍ଷଣ ଫୌଜଦାରି ଓକିଲ। ଆଇନ ବ୍ୟବସାୟରୁ ରୋଜଗାରକୁ ସେ ଏତେଟା ଗୁରୁତ୍ୱ ଦେଉ ନଥିଲେ। ସିଧା ଭାଷାରେ କହିଲେ, ମହକିଲର ତଣ୍ଟି ନଚିପି, ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହେଉଥିଲେ। ଉଚ୍ଚଶିକ୍ଷା ଲାଭ ପରେ ଅଖିଳ ମୋହନ ଚାକିରି ନକରି ସ୍ୱାଧୀନ ଭାବେ ଜୀବିକା ଅର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସାଜିଥିଲେ ଠିକାଦାର। ତାହା ପରେ ଓକିଲ। ଓଡ଼ିଶା ଗସ୍ତରେ ଆସିଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେକା-ପଥର ଫୋପାଡ଼ି ଲହୁ ଲୁହାଣ କରିଥିବା ଅଭିଯୁକ୍ତ ଯୁବକମାନଙ୍କ ପକ୍ଷରୁ ସେ ଅଦାଲତରେ ମାମଲା ପରିଚାଳନା କରି, ସେମାନଙ୍କୁ ଦୋଷମୁକ୍ତ କରାଇଥିଲେ। ଛାତ୍ର ଜୀବନରେ ସେ ଥିଲେ ବାମପନ୍ଥୀ। ବାମପନ୍ଥୀ ଆନ୍ଦୋଳନ ଦ୍ୱାରା ବିକାଶଶୀଳ ଦେଶର ପ୍ରଗତି ସମ୍ଭବ ବୋଲି ତାଙ୍କର ଦୃଢ଼ ଧାରଣା ଥିଲା। ବରୁଣେଇ ପାହାଡ଼କୁ ସେ ଅତି ଭଲପାଉଥିଲେ। ସେ ଲେଖିଥିଲେ ମୋର ବେଳେ ବେଳେ ମନେହୁଏ, ମୁଁ ଜନ୍ମ ହୋଇଛି ଏଇ ବରୁଣେଇ ପାହାଡ଼ରେ। ଜଣେ ଲୋକର ବାପା ଆଉ ମାଆ ଥିବା ଦରକାର ବୋଲି ମୋର ବାପା ମାଆ ଅଛନ୍ତି। ପିଲାଦିନେ ଅଖିଳ ମୋହନ ଥିଲେ ଚପଳ; ଯୌବନରେ ଥଟ୍ଟା ପରିହାସ ପ୍ରିୟ। ଏକଦା ନୈଷ୍ଠିକ ବ୍ରାହ୍ମଣ ପାନ ଦୋକାନୀକୁ ଅଣ୍ଡା ମାଗି ବିରକ୍ତ କରିଥିଲେ। ଦିନେ ଦିନେ ସାରା ରାତି କଟୁଥିଲା କଟକ ସହରରେ ବୁଲିବାରେ। ସପନ ତାଙ୍କର ପ୍ରକାଶିତ ପ୍ରଥମ ଗଳ୍ପ। ୧୯୨୭ ଡିସେମ୍ବର ୧୮ ତାରିଖ ଦିନରେ ଖୋର୍ଦ୍ଧାରେ ଜନ୍ମ ହୋଇଥିଲେ ଏହି ମହାନ ଗାଳ୍ପିକ।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦**

# ରାଜ୍ୟ ତଥା ଦେଶ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଅବଦାନ ଅତୁଳନୀୟ



ଭୁବନେଶ୍ୱର (ପିଏନ୍): ନବ ଉତ୍କଳର ନିର୍ମାତା ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ କେବଳ ଓଡିଶାର ନୁହଁନ୍ତି, ସେ ସମଗ୍ର ଭାରତ ବର୍ଷ ପାଇଁ ଗୁଣଗ୍ରାହୀ ବ୍ୟକ୍ତିତ୍ୱ ଥିଲେ। ଓଡିଆ, ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା, ରାଜ୍ୟ ତଥା ଦେଶ ପାଇଁ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା ବୋଲି ଗତକାଲି ସଂଧାରେ ତାଙ୍କର ୧୪୯ ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ବିଶିଷ୍ଟ ବକ୍ତାମାନେ ପ୍ରକାଶ କରିଛନ୍ତି। ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ମୟୂରଭଂଜ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ଯୋଗଦେଇ କହିଲେ ଯେ, ଆମ ଓଡିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। କିନ୍ତୁ ଏହି ଭାଷା ଓ ସାହିତ୍ୟକୁ ବଂଚାଇ ରଖି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଯେଉଁମାନଙ୍କର ଯୋଗଦାନ ରହିଥିଲା, ତନ୍ମଧ୍ୟରେ ମୟୂରଭଂଜ ରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଓଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ରେଳପଥର ବିକାଶ ଆଦି କ୍ଷେତ୍ରରେ ତାଙ୍କର କାର୍ଯ୍ୟଧାରା ରାଜ୍ୟ ତଥା ଦେଶର ଅନ୍ୟ ଅଂଚଳର ନେତୃବର୍ଗଙ୍କ ପାଇଁ ଅନୁକରଣୀୟ ହୋଇଥିଲା ବୋଲି ସେ କହିବା ସହିତ ଦେଶ ଓ ଜାତି ପାଇଁ ଯେଉଁ ମନୀଷୀମାନଙ୍କର ଅବଦାନ ରହିଛି, ସେମାନଙ୍କ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ଅଧ୍ୟୟନ କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡଃ. ନାରାୟଣ ପଣ୍ଡା ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଂଜଙ୍କ ଜୀବନାଦର୍ଶ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରି ଓଡିଶାର ସାରସ୍ୱତ ସାଧକମାନଙ୍କ ପ୍ରତି ମହାରାଜାଙ୍କର ଥିବା ଭଲ ପାଇବା, ଦେଶପ୍ରେମ, ଅତିଥିପରାୟଣତା, ଓଡିଆ ଭାଷା ଓ ସାହିତ୍ୟ ପାଇଁ ଅବଦାନ ଏବଂ ଗୁଣଗ୍ରାହୀ ବ୍ୟକ୍ତିତ୍ୱ ସଂପର୍କରେ କହିଥିଲେ। ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ବର୍ତମାନ ଥିବା ଶ୍ରୀରାମଚନ୍ଦ୍ର ଭଂଜଙ୍କ ନାମରେ ନାମିତ କଟକ ବଡ ଡାକ୍ତରଖାନା ମହାରାଜାଙ୍କର ଅବଦାନ ବୋଲି ପ୍ରକାଶ କରିବା ସହିତ ୧୯୦୩ ମସିହାରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ଶ୍ରୀରାମଚନ୍ଦ୍ର ଭଂଜଦେଓ ସଭାପତିତ୍ୱ କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୟୂରଭଂଜ ସାଂସ୍କୃତିକ ସଂସଦର ସଂପାଦକ ତଥା ଉପଜିଲ୍ଲାପାଳ ଆଠମଲ୍ଲିକ ଡଃ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଜନସାଧାରଣ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ 'ନାଦବ୍ରହ୍ମ' ଅନୁଷ୍ଠାନ ତରଫରୁ ଜଗନ୍ନାଥ କୁଅଁର ଓ ସାଥୀ କଳାକାରମାନେ ସ୍ୱାଗତ ସଂଗୀତ ଏବଂ ଶେଷରେ ଗୁରୁ ଗୌରମୋହନ ମହାନ୍ତ ଓ ସାଥୀମାନଙ୍କ ଦ୍ୱାରା ମୟୂରଭଂଜର ପ୍ରସିଦ୍ଧ ଛଉନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସକାଳେ ପାୱାର ହାଉସ୍ ଛକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ନିରଂଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ତଥା ଉତ୍କଳ ସମ୍ମିଳନୀର ସଦସ୍ୟ ଡଃ. ଲେନିନ୍ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିପିନ ବିହାରୀ ବାରିକୀ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀ ସନ୍ତୋଷ କୁମାର ଦାସ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସଭାପତି ପ୍ରଫେସର ଡଃ. ଅଦ୍ୱୈତ୍ୟ କୁମାର ପାତ୍ର, ସାଧାରଣ ସଂପାଦକ ଅନନ୍ତ ପ୍ରସାଦ ଜେନା, ଉପସଭାପତି ଉଷାରାଣୀ ମହାନ୍ତି, ସଂପାଦକ ଜୟକୃଷ୍ଣ ଦାସ, ଶାନ୍ତିଲତା ସାହୁ, ଶଶାଙ୍କ ମହାନ୍ତି, ଆକୁଳ ସଂଗ୍ରାମ ସେଠୀ, ତ୍ରିଲୋଚନ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ।

# ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

ବ୍ରହ୍ମପୁର (ପିଏନ୍): ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଏମକେସିଜି ମେଡିକାଲ କଲେଜ ହସ୍ପିଟାଲ ଶାଖାର ସାଧାରଣ ପରିଷଦ ବୈଠକ ସଂଘ କାର୍ଯ୍ୟାଳୟ ବିଶ୍ୱନାଥ ପଣ୍ଡିତ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ ଅଧ୍ୟକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଆଇନ ପରାମର୍ଶଦାତା ପ୍ରଦୀପ କୁମାର ବେହେରା ନିର୍ବାଚନ ଅଧିକାରୀ ଭାବେ ଏହି ନିର୍ବାଚନ ପରିଚାଳନା କରିଥିଲେ। ବୈଠକରେ ରାଜ୍ୟ ସଂଗଠନର ଉପସଭାପତି ସୁକାନ୍ତ ମୁଖି, ପୂର୍ବତନ ସମ୍ପାଦକ ଲାଲୁ ମୋହନ ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଶତାଧିକ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ନିର୍ବାଚନରେ ଭାଗ ନେଇଥିଲେ। କର୍ମକର୍ତ୍ତାମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭାବେ ରାଜୁ ଚିନ୍ନା, ଯୁଗ୍ମ ସମ୍ପାଦକ ଭାବେ ରବି ନାରାୟଣ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ଭାବେ ସନାତନ ନାୟକ, ଏନ. ନିରଞ୍ଜନ ଦାସ ଓ ରାଜଲକ୍ଷ୍ମୀ ସାହୁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ବି. ଚନ୍ଦୁ ପାତ୍ର, କୋଷାଧ୍ୟକ୍ଷ ଭାବେ ସନିଆ ନାୟକ ନିର୍ବାଚିତ ହୋଇଥିବା ବେଳେ ସଂଗଠନର ଉପଦେଷ୍ଟା ଭାବେ ରବି ରଥ, ଆଇନ ପରାମର୍ଶଦାତା ଭାବେ ଆଡଭୋକେଟ ପ୍ରଦୀପ କୁମାର ବେହେରା ଓ ଆଡ଼ଭୋକେଟ ସଞ୍ଜିତ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ତାରିଣୀ କହ୍ନେଇ, ବିଭୁତି ଭୂଷଣ ମିଶ୍ର, ଏମ. ଉଷାରାଣୀ, ଗୌରୀ ଘଡ଼େଇ, ହରିହର ଚିନ୍ନା, ଉମା ଚୌଧୁରୀ, ନିଳାଦ୍ରୀ ପାତ୍ର, ଆନନ୍ଦ ମିଶ୍ର, ଗୌରହରି ମହାପାତ୍ର, ରାମ ଗୌଡ଼, ସନାତନ ନାୟକ, ସିଏଚ୍ ସୁନୀଲ ପାତ୍ର, ନନ୍ଦିନୀ ସାମନ୍ତରା, ରମେଶ ରାଓ, ମୁରଲୀ ରାଜୁ, ବିଷ୍ଣୁ, ଘନଶ୍ୟାମ ସାହୁ, ପୂର୍ଣ୍ଣ ରେଡ୍ଡୀ, ଲକ୍ଷ୍ମୀ ପାତ୍ର, ମନୋଜ ନାୟକ, ଜ୍ୟୋତ୍ସ୍ନା ତ୍ରିପାଠୀ ଓ ମଞ୍ଜୁ ନାୟକ ପ୍ରମୁଖ ୨୧ ଜଣଙ୍କୁ ଚୟନ କରାଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଲ୍ୟାଣ୍ଡ୍ ରୋଭର ପକ୍ଷରୁ ଜାଗୁଆର ଏକ୍ସଇର ବଜାର ପ୍ରବେଶ

ଭୁବନେଶ୍ୱର-ଜାଗୁଆର ଲ୍ୟାଣ୍ଡ ରୋଭର ପକ୍ଷରୁ ଜାଗୁଆର ଏକ୍ସଇ ଡାଇନାମିକ୍ ଏଡିସନ୍‌ର ବଜାର ପ୍ରବେଶ କରାଯାଇଛି । ଏହାର ଦକ୍ଷତା, ପ୍ରଦର୍ଶନ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ଗ୍ରାହକଙ୍କୁ ବିଶେଷ ଆକର୍ଷିତ କରିବାକୁ ସକ୍ଷମ ହେବ। ଏହାର ମୂଲ୍ୟ ୪୪.୯୮ ଲକ୍ଷ ଟଙ୍କା ରହିଛି। ଏହା ୨୦୨୦ ପାଇଁ ମଡେଲ ଅଫ୍ ଦି ଇୟର ସାବ୍ୟସ୍ତ ହେବ।

ଏଥିରେ ସମ୍ମୁଖ ଏବଂ ପଛ ବମ୍ପର ଫୁଲ୍ ଏଲଇଡି ହେଡ୍ ଲାଇଟ୍, ଏଚଆଇ-ଲାଇନ୍ ଟେଲ୍ ଲାଇଟ୍, ୨୫.୪ ସେମି ଟଚ୍ ପଏଂଟ୍ ସ୍ମାର୍ଟଫୋନ୍ ପ୍ୟାକ୍ ସହିତ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ କାର୍ ପ୍ଲେ, ୱେରଲେସ୍ ଡିଭାଇସ୍ ଚାର୍ଜିଂ, ଏୟାର କ୍ୱାଲିଟି ସେନସର, କନେକ୍ଟେଡ୍ ନାଭିଗେଶନ୍ ପ୍ରୋ, ସ୍ମାର୍ଟ ସେଟିଂ, ଏଆଇ ଡ୍ରାଇଭର୍ ସିଟ୍, ମିରର୍, ଅଡିଓ ଏବଂ କ୍ଲାଇମେଟ୍ ସେଟିଂ, ୱାଇ-ଫାଇ ହଟ୍ ସ୍ପଟ୍ ଏବଂ ପ୍ରୋ ସର୍ଭିସ ଆଦି ସୁବିଧା ରହିଛି। ଏହା ୨.୦୧ ଲିଟରରେ ଉପଲବ୍ଧ ହେଉଛି। ଏହା ଏସ୍ ଏବଂ ଏସଇ ମଡେଲରେ ମିଳୁଛି। ଏହାର ୧୮୪ କିଲୋୱାଟ୍ ଇଞ୍ଜେନିୟମ୍ ଟୁର୍ବୋ ଚାର୍ଜଡ୍ ପେଟ୍ରୋଲ୍ ପାୱାର ଏବଂ ୧୩୨ କିଲୋୱାଟ୍ ଇଞ୍ଜେନିୟମ୍ ଟୁର୍ବୋ ଚାର୍ଜଡ୍ ଡିଜେଲ୍ ପାୱାର।

ଏହି ଅବସରରେ ଜାଗୁଆର ଲ୍ୟାଣ୍ଡ ରୋଭର ଇଣ୍ଡିଆ ଲିଃ.ର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ରୋହିତ ସୁରୀ କହିଲେ, "ଜାଗୁଆର ଏକ୍ସଇ ଏଡିସନ୍‌ର ଡିଜାଇନିଂ ଅତି ସୁଦୃଢ଼। ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ହେବ। ଏହା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅନୁଭୂତି ଆଣିଦେବ।"

ଭାରତରେ ଉପଲବ୍ଧ ହେଉଥିବା ଜାଗୁଆର ରେଞ୍ଜ୍ ମଧ୍ୟରେ ଏକ୍ସଇର ମୂଲ୍ୟ ୪୪.୯୮ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଏକ୍ସଏଫ୍‌ର ମୂଲ୍ୟ ୪୯.୭୮ ଲକ୍ଷରୁ ଆରମ୍ଭ ହେଉଛି। ସେହିପରି ଏଫ୍-ପେସ୍‌ର ମୂଲ୍ୟ ୬୩.୭୮ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏକ୍ସଜେର ମୂଲ୍ୟ ୧୧୧.୩୦ ଲକ୍ଷ ଟଙ୍କା, ଏଫ୍-ଟାଇପ୍ ମୂଲ୍ୟ ୯୦.୯୩ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

ଲ୍ୟାଣ୍ଡ ରୋଭର ଯାନ ଗୁଡ଼ିକ ଅହମ୍ମଦାବାଦ୍, ଔରଙ୍ଗାବାଦ୍, ବାଙ୍ଗାଲୁର୍, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ଗୁରୁଗାଓଁ, ହାଇଦ୍ରାବାଦ୍, ଇନ୍ଦୋର, ଜୟପୁର, କୋଲକତା, କୋଚି, କମଲ, ଲକ୍ଷ୍ନୌ, ଲୁଧିଆନା, ମାଙ୍ଗାଲୋର୍, ମୁମ୍ବାଇ, ନାଗପୁର, ନୋଏଡା, ପୁନେ, ରାଏପୁର, ସୁରାଟ, ବିଜୟୱାଡା ଆଦି ୨୭ଟି ସ୍ୱୀକୃତି ପ୍ରାପ୍ତ ଆଉଟଲେଟ୍‌ରେ ଉପଲବ୍ଧ ହେଉଛି।

# ଦାନଗଦୀରେ ଜିଲ୍ଲାସ୍ତରୀୟ କର୍ମଶାଳା : ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଯାଜପୁର,(ପିଏନ)- ଆବାସ ଓ ଶୌଚାଳୟ ସାଧାରଣ ଲୋକ ମାନଙ୍କର ସର୍ବ ନିମ୍ନ ମୌଳିକ ଆବଶ୍ୟକତା । ତେଣୁ ଏଥିରେ ଅବହେଳା କରୁଥିବା ଯେ କୌଣସି ଅଧିକାରୀ ବା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କଡ଼ା ନିର୍ଦ୍ଦେଶ ଦେଇଚୁନ୍ତି । ପୂର୍ବାହ୍ନରେ ଦାନଗଦୀ ଭବନ ପରିସରରେ ସୁକିନ୍ଦା, ଦାନଗଦୀ ଓ କୋରେଇ ବ୍ଲକର ବିଭିନ୍ନ ଜନହିତକାରୀ ଯୋଜନାର ସଫଳ ରୂପାୟନ ସଂପର୍କରେ ଜିଲ୍ଲା ସ୍ତରୀୟ କର୍ମଶାଳା ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନାୟକ ଶୌଚାଳୟର ଅଗ୍ରଗତି ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଶୌଚାଳୟ ନିର୍ମାଣ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ପାଇଁ କାରଣ ପଚାରିଥିଲେ । ସ୍ୱଚ୍ଛ ଭାରତ ମିଶନ ଅଧିନରେ ଏହି ଶୌଚାଳୟ କାର୍ଯ୍ୟରେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୫୭୬୪୦ ଟି ନିର୍ମାଣ କାର୍ଯ୍ୟ ବକେୟା ରହିଚୁି । ଗୋଷ୍ଠୀଗତ ବା ସାମୁହିକ ଟଏଲଟ୍ ଯୋଜନାରେ ୮୦୪ ଓ ଜନ ଗହଳି ସ୍ଥାନ ବା ପବ୍ଲିକ ପ୍ଲେସରେ ୬୦୩ ଏହିପରି ୧୪୦୭ ଟି ଶୌଚାଳୟ ଏଥିରେ ସାମିଲ୍ । ତେବେ ଜିଓ ଟ୍ୟାଗିଂ ୮୩.୪୬ ଭାଗ ହୋଇଚୁି । ସେହିପରି ବ୍ୟକ୍ତିଗତ ପାଇଖାନାରେ ୨୪୫୬୯୭ ଟି ଶୌଚାଳୟ ମଧ୍ୟରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ୨୦୫୦୬୩ ଟିର ଜିଓ ଟ୍ୟାଗିଂ ହୋଇଥିବା ବେଳେ ୪୦୬୩୪ ଟିର ଜିଓ ଟ୍ୟାଗିଂ ବକେୟା ରହିଚୁି । ଅପରପକ୍ଷରେ ବର୍ଯ୍ୟବସ୍ତୁ ପରିଚାଳନାରେ ଜିଲ୍ଲାର ସମସ୍ତ ୩୧୧ ଟି ପଂଚାୟତରେ ବର୍ଯ୍ୟବସ୍ତୁ ପରିଚାଳନାର ବାଇ-ଲ ବା ନିୟମାବଳୀ ପ୍ରସ୍ତୁତ ହୋଇଥିବା ବେଳେ ୧୦ ଟି ବ୍ଲକ ସ୍ତରୀୟ ପରାମର୍ଶଦାତା କମିଟି ଓ ୭୫ ଟି ପଂଚାୟତ ସ୍ତରୀୟ ପରାମର୍ଶଦାତା କମିଟି ଗଠନ କରାଯାଇଚୁି ବୋଲି ସମୀକ୍ଷାରୁ ଜଣାଯାଇଥିଲା । ଗ୍ରାମ୍ୟ ଆବାସ ଯୋଜନାରେ ସମୀକ୍ଷା କରି ପ୍ରକଳ୍ପ ନିର୍ଦ୍ଦେଶକ ଅଗ୍ରଗତିରେ ଉଲ୍ଲେଖନୀୟ ପ୍ରଦର୍ଶନ ହୋଇ ନଥିବାରୁ ବିରକ୍ତି ପ୍ରକାଶ କରିଥିଲେ । ଆବାସ ନିର୍ମାଣରେ ବିଳମ୍ବ ଯୋଗୁ ହିତାଧିକାରୀ ୩ ମାସ ଓ ୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କଲେ ଯେଉଁ ପ୍ରୋତ୍ସାହନ ରାଶି ପାଇବା କଥା ସେଥିରୁ ବଂଚିତ ହେଉଚୁନ୍ତି ବୋଲି ସେ କହିଥିଲେ । ଯଥାଶିଘ୍ର ଏହାକୁ ସମାପନ କରି ହିତାଧିକାରୀଙ୍କୁ ସୁବିଧା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତ୍ୟେକ ହିତାଧିକାରୀ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯୫ ଦିନର କାମ ପାଇବା ବ୍ୟବସ୍ଥା ଥିବାରୁ ଏହାକୁ ପ୍ରତ୍ୟେକ ଦାୟିତ୍ୱରେ ଥିବା କର୍ମଚାରୀ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଇେଥିଲେ । ଜିଲ୍ଲାରେ ଆବାସ ଯୋଜନାରେ ରାଜ୍ୟରେ ୧୯ ତମ ସ୍ଥାନରେ ରହିଚୁି । ପୂର୍ବରୁ ପ୍ରାୟ ୨୯ ନମ୍ବରରେ ରହିଥିବା ବେଳେ ବର୍ତ୍ତମାନ ତାହାର ଅଗ୍ରଗତି ଘଟିଥିଲେ ମଧ୍ୟ ଆହୁରି ଅଧିକ ପରିଶ୍ରମ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ୪୦୯୨ଟି ଆବାସ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ୨୧୬୧୭ ଅସଂପୂର୍ଣ୍ଣ ଅବସ୍ଥାରେ ରହିଚୁି । ତେଣୁ ଏହି ଅସଂପୂର୍ଣ୍ଣ ଘର ଗୁଡ଼ିକ ପୂର୍ଣ୍ଣାଙ୍ଗ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ଶ୍ରୀ ନାୟକ କଡ଼ା ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଜିଲ୍ଲା ପଂଚାୟତ ଅଧିକାରୀ ଅଶୋକ କୁମାର ସେଠୀ, କୋରେଇ ବି.ଡି.ଓ. ତରଣୀସେନ ପଟ୍ଟନାୟକ, ସୁକିନ୍ଦା ବି.ଡି.ଓ. ଡା. ବିଶ୍ୱଜିତ ଦାସ, ଦାନଗଦୀ ବି.ଡି.ଓ. ଡା. ମଣି ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ତଥା ଅତିରିକ୍ତ ପି.ଡି. ଅମୀୟ କୁମାର ପରିଜା, ଗ୍ରାମ୍ୟ ଆବାସର ଏ.ପି.ଡି. ସୋହାନା ବେଗମ, ଗିରିଜା ଶଙ୍କର ସୂତାର, ଏମ୍.ସି. ଚିନ୍ମୟ ସିଂ ପ୍ରମୁଖ ଯୋଗ ଦେଇ ସମୀକ୍ଷା କରିଥିଲେ । ଏଥିରେ ଦାନଗଦୀ, ସୁକିନ୍ଦା ଓ କୋରେଇ ବ୍ଲକର ସମସ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଂଚାୟତ ସଂପ୍ରସାରଣ ଅଧିକାରୀ, ଜି.ଆର.ଏସ୍. ଓ ଅନ୍ୟାନ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଯୋଗ ଦେଇଥିଲେ ।

## କାନାରା ଏଚ୍‌ଏସ୍‌ବିସି ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଗ୍ରୁପ ଟର୍ମ ଏଜ୍ ପ୍ଲାନର ଶୁଭାରମ୍ଭ

ଭୁବନେଶ୍ୱର: କାନାରା ଏଚଏସବିସି ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ ପକ୍ଷରୁ ଗ୍ରୁପ ଟର୍ମ ଏଜ ପ୍ଲାନର ଶୁଭାରମ୍ଭ କରାଯାଇଛି ଯାହା କଂପାନିର କର୍ମଚାରୀମାନଙ୍କୁ ମୃତ୍ୟୁ, ଦୀର୍ଘସ୍ଥାୟୀ ଅସୁସ୍ଥତା ଏବଂ ଜଟିଳ ଅସୁସ୍ଥତା ଭଳି ମାମଲାରେ ବୀମା ସୁରକ୍ଷା ପ୍ରଦାନ କରୁଛି ଯାହା ଫଳରେ ସେମାନଙ୍କର ବିଭିନ୍ନ ପ୍ରକାର ବିପଦର ମାତ୍ରା ସୁରକ୍ଷିତ ହୋଇପାରୁଛି । ଚଳିତ ବର୍ଷ ଏହି ନବୀକରଣଯୋଗ୍ୟ ଗ୍ରୁପ ଟର୍ମ ପ୍ଲାନରେ ତିନିଟି କଭରେଜ ବିକଳ୍ପ ରହିଛି ଏବଂ ଏହା ପଲିସି କିଣିଥିବା ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରୁଛି ।

ଶ୍ରୀଯୁକ୍ତ ଅନୁଜ ମାଥୁର, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, କାନାରା ଏଚଏସବିସି ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ ଲାଇଫ ଇନସ୍ୟୁରାନସ କଂପାନି କହିଛନ୍ତି ଯେ, ଗ୍ରୁପ ଟର୍ମ ଏଜ ପ୍ଲାନକୁ ନିଯୁକ୍ତିଦାତାଙ୍କ ଲାଗି ବିକଶିତ କରାଯାଇଛି ଯେଉଁମାନେ କର୍ମଚାରୀମାନଙ୍କ ବନ୍ଧୁ ପରିଜନ ଏବଂ ତାଙ୍କ ଉପରେ ନିର୍ଭରଶୀଳ ଥିବା ଲୋକମାନଙ୍କ ଆର୍ଥିକ ସୁରକ୍ଷାକୁ ନଜରରେ ରଖି ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବ। ଏହି ପ୍ଲାନ ନିଯୁକ୍ତିଦାତା ଚୟନ କରିଥିବା ପ୍ଲାନ ଅନୁସାରେ କର୍ମଚାରୀମାନେ ମୃତ୍ୟୁ, ଦୀର୍ଘସ୍ଥାୟୀ ଅସୁସ୍ଥତା ଏବଂ ଜଟିଳ ଅସୁସ୍ଥତା ଭଳି ମାମଲାରେ ସୁରକ୍ଷା ଓ ଆର୍ଥିକ ନିରାପତା ପାଇପାରିବେ। ପଲିସିର ଲାଭ ବ୍ୟତୀତ, ଏହା କର୍ମଚାରୀମାନଙ୍କ ଉପରେ କଂପାନିର ବିଶ୍ୱାସ ପ୍ରକଟ କରିବା ଏବଂ ସେମାନଙ୍କୁ କଂପାନିରେ ସୁରକ୍ଷା ଓ ବିଶ୍ୱାସର ଭାବ ପ୍ରଦାନ କରିବାରେ ସହାୟକ ହେବ।''

## ହନିୱେଲ ଓ ଆଇଆଇଟି ଖଡଗପୁର ବିଜେତା ଯୋଡି କମ୍ପାନୀ ପକ୍ଷରୁ ରେକର୍ଡ ୪୦ଇଂଟର୍ଣ୍ଣ ଓ ୩୬ କ୍ୟାମ୍ପସ ନିଯୁକ୍ତି

ଭୁବନେଶ୍ୱର : ହନିୱେଲ ଇଣ୍ଡିଆ ଟେକ୍ନୋଲୋଜି ସେଂଟରର ୨୫ତମ ଜୟନ୍ତୀ ଉତ୍ସବ ଚାଲୁଥିବାବେଳେ ଆଇଆଇଟି ଖଡଗପୁର ରେ ରେକର୍ଡ ସଂଖ୍ୟାରେ ୪୦ ଜଣ ଇଂଟର୍ଣ୍ଣ ଏବଂ ୩୬ ଜଣ କ୍ୟାମ୍ପସ ନିଯୁକ୍ତି ନେଇ ଖୁସି ଖେଳିଯାଇଛି । ଏହି ନିଯୁକ୍ତି କମ୍ପାନୀର ଭାରତ ଏବଂ ଆମେରିକା ସ୍ଥିତ ଆଟଲାଂଟ ୟୁଏସ ପାଇଁ ଉଦ୍ଦିଷ୍ଟ ।

ଆଠ ଦଶନ୍ଧିର ଇତିହାସ ଓ ୮୦୦୦ ରୁ ଅଧିକ ଇଂଜିନିୟର ଆଇଆଇଓଟି ସହ ଭାରତ ହନିୱେଲ ର ସର୍ବବୃହତ ଇଂଜିନିୟରିଙ୍ଗ ଏବଂ ଉତ୍ପାଦ ବିକାଶ କେନ୍ଦ୍ର । ଏହାର ଏକ ତୃତୀୟାଂଶ ଇଂଜିନିୟର ଆଗାମୀ ପିଢୀର ଆଇଆଇଓଟି ସଫ୍ଟୱେୟାର ସହ ଜଡିତ । ଏଥିପାଇଁ ହନିୱେଲ ଓ ଆଇଆଇଟି ଖଡଗପୁର ସହଭାଗୀତା କମ୍ପାନୀ ପାଇଁ ମହତ୍ୱପୂର୍ଣ୍ଣ ।

ହନିୱେଲ ଇଣ୍ଡିଆ ର ଅଧ୍ୟକ୍ଷ ଅକ୍ଷୟ ବେଲାରି କହିଛନ୍ତି, " ଆମର ଆଇଆଇଓଟି ର ଚାହିଦା ଓ ଗ୍ରାହକମାନଙ୍କର ଆଗ୍ରହ ଦିନକୁ ଦିନ ବଢିବାରେ ଲାଗିଛି । ଏଥିପାଇଁ ଆମେ ଦେଶରେ ଦ୍ରୁତଗତିରେ ସୃଜନଶୀଳ ବତାବରଣ ସୃଷ୍ଟି କରିବା ପାଇଁ ୫୦ ରୁ ଉର୍ଦ୍ଧ ସଫ୍ଟୱେୟାର ଉତ୍ପାଦ ତିଆରି କରିଛୁ । "

ହନିୱେଲ ସଫ୍ଟୱେୟାର ଶିଳ୍ପରେ ପରିବର୍ତ୍ତନ ଆଣିବା ପଇଁ ଏହାର ଉତ୍ପାଦ ମାନଙ୍କରେ ଡିଜିଟାଲ ବ୍ୟବହାର ବହୁଳ ରୁପରେ କରୁଅଛି । ଏଥିନିମନ୍ତେ କମ୍ପାନୀ ପକ୍ଷରୁ ଏକ ସଫ୍ଟୱେୟାର ବିଜ୍‌ନେସ ୟୁନିଟ ହନିୱେଲ କନେକ୍ଟେଡ ଏଂଟରପ୍ରାଇଜ ଗଠନ କରାଯାଇଛି । ଏହି ୟୁନିଟ ର କାମ ଅନ୍ୟ ସବୁ ଶିଳ୍ପ ମାନଙ୍କ ପାଇଁ ଆର୍ଟିଫିସିଆଲ ଇଂଟେଲିଜେନସ୍, ମେସିନ ଲର୍ଣ୍ଣିଙ୍ଗ ଏବଂ କ୍ଲାଉଡ ଟେକ୍ନୋଲୋଜି ମାଧ୍ୟମରେ ସମାଧାନ ଯୋଗାଇ ଦେବା । ଏହି କନେକ୍ଟେଡ ସଫ୍ଟୱେୟାର ରୁ ଆୟ ବାର୍ଷିକ ଦୁଇ ଅଙ୍କରେ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ସୁଦୃଢ କରିବା ପାଇଁ କମ୍ପାନୀ ଭାରତର ପ୍ରମୁଖ ଶିକ୍ଷାନୁଷ୍ଠାନ ମାନଙ୍କ ପାଖରୁ ପ୍ରତିଭା ଚୟନ କରିଛି । ହନିୱେଲ ଆଇଆଇଟି ଖଡଗପୁର ଠାରେ ପ୍ରଶିକ୍ଷଣ ଓ ଗବେଷଣା ପାଇଁ ନିବେଶ ଜାରି ରଖିବ ।

# ମ୍ୟାକ୍ସ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ 'ପ୍ରୋଟେକ୍ଟ ଏ ସ୍ମାଇଲ୍' ଅଭିଯାନ

ଭୁବନେଶ୍ୱର: ମ୍ୟାକ୍ସ ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ଆଜି ଏହାର ସ୍ୱତନ୍ତ୍ର ଅଭିଯାନ 'ପ୍ରୋଟେକ୍ଟ ଏ ସ୍ମାଇଲ୍'ର ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ମ୍ୟାକ୍ସ ଲାଇଫ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧି ମଧ୍ୟରେ ଏହାର 'ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ସ' ପାଇଁ ସମାଧାନ କରାଯାଇଥିବା ପ୍ରତ୍ୟେକ୍ ମୃତ୍ୟୁ ଦାବି ପାଇଁ ଜଣେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଶିଶୁର ଏକ ବର୍ଷର ଶିକ୍ଷାର ଅର୍ଥପୋଷଣ କରାଯିବ। ଏଥିପାଇଁ ମ୍ୟାକ୍ସ ଲାଇଫ୍ ପକ୍ଷରୁ ପଛୁଆ ବର୍ଗ ଓ ମୌଳିକ ସୁବିଧାରୁ ବଞ୍ଚିତ ଶିଶୁମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ଦିଗରେ କାର୍ଯ୍ୟରତ ଜାତୀୟ ସ୍ତରର ଏନ୍‌ଜିଓ ଏଆଇସିଏପିଡି ସହ ସହଭାଗିତା କରାଯିବ। ଏହି ଅଭିଯାନ ଏକ ଜୀବନବୀମା ନୀତିକୁ ଜଣେ ବୀମାଧାରକଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ସକ୍ଷମ ହେବା ସହ ଶିକ୍ଷା ଭଳି ମୌଳିକ ସୁବିଧାରୁ ବଞ୍ଚିତ ଶିଶୁମାନଙ୍କ ଜୀବନରେ ପରିବର୍ତ୍ତନ ଆଣି ସମାଜକୁ ଅଧିକ ସଶକ୍ତ କରିପାରିବ।ବିଗତ ୩ ବର୍ଷ ହେବ ଭାରତୀୟ ଜୀବନ ବୀମା ଶିଳ୍ପ (ଘରୋଇ କ୍ଷେତ୍ର)ରେ କ୍ଲେମ୍ସ ପେଡ୍ ରେସିଓରେ ମ୍ୟାକ୍ସ ଲାଇଫ୍ ନିରନ୍ତର ଭାବେ ଅଗ୍ରଣୀ ମାନଙ୍କ ମଧ୍ୟରେ ରହିଆସିଛି । ଜୀବନ ବୀମାକର୍ତ୍ତାଙ୍କ ଅଭିଯାନ 'ପ୍ରୋଟେକ୍ଟ ଏ ସ୍ମାଇଲ' ଦାବି ସମାଧାନର ପ୍ରଭାବକୁ ଆହୁରି ଅଧିକ ବ୍ୟାପକ କରିବା ନେଇ ନିଜର ପ୍ରୟାସ ଜାରି ରଖିଛି । ଏହି ଶକ୍ତିଶାଳୀ ସହଭାଗିତା ଗଠନ କରି ମ୍ୟାକ୍ସ ଲାଇଫ୍‌ର 'ପ୍ରୋଟେକ୍ଟ ଏ ସ୍ମାଇଲ' ଅଭିଯାନ ବଞ୍ଚିତ ଶିଶୁମାନଙ୍କୁ ସଶକ୍ତ କରିବା ପାଇଁ ଏକ ବିଶାଳ ସାମାଜିକ ଉଦ୍ଦେଶ୍ୟ ପରିଚାଳନା କରିବାକୁ ଯୋଜନା ରଖିଛି । ଏହି ପରିପ୍ରେକ୍ଷୀରେ କମ୍ପାନୀର ନିର୍ଦ୍ଦେଶକ ତଥା ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ଆଲୋକ ଭାନ୍ କହିଛନ୍ତି, ଏହି ନୂତନ ଅଭିଯାନ ମାଧ୍ୟମରେ ମ୍ୟାକ୍ସ ଲାଇଫ୍ ସମାଜର ବଞ୍ଚିତ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷା ପ୍ରଦାନ କରି ବୀମାଧାରକଙ୍କ ପରିବାରର ପ୍ରିୟଜନଙ୍କ ସ୍ମୃତିରେ ଆଉ କିଛି ବାଟ ଆଗକୁ ଚାଲି ଏଆଇସିଏପିଡି ସହ ସହଭାଗିତା କରିବ; ଯାହାଦ୍ୱାରା ଏକ ଉନ୍ନତ କାଲିର ଗଠନରେ ଯୋଗଦାନ ହୋଇପାରିବ।'ପ୍ରୋଟେକ୍ଟ ଏ ସ୍ମାଇଲ୍' ଅଭିଯାନ ମାଧ୍ୟମରେ ମ୍ୟାକ୍ସ ଲାଇଫ୍ ଇନ୍ସ୍ୟୁରାନ୍ସ ବୀମାଧାରକଙ୍କ ବିରାସତକୁ ଆହୁରି ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖିଛି। ୮ ମାସ ପୂର୍ବେ କମ୍ପାନୀ ଘୋଷଣା କରିଥିଲା ଯେ, ଏହା ଆର୍ଥିକ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ମାସର ୬ ତାରିଖକୁ 'ସଂରକ୍ଷଣ ଦିବସ' ଭାବେ ସମର୍ପିତ କରିବ। ଏହି ଅଭିଯାନ ସମସ୍ତ ଟର୍ମ ପ୍ଲାନ୍ ପଲିସି ପାଇଁ କାର୍ଯ୍ୟକାରୀ ହେବ ଯାହାର ମୃତ୍ୟୁ ଦାବି ବା ଡେଥ୍ କ୍ଲେମ୍ ୧ ଡିସେମ୍ବର ୨୦୧୯ରୁ ୩୧ ମାର୍ଚ୍ଚ ୨୦୨୦ ମଧ୍ୟରେ ସମାଧାନ ହୋଇଥିବ।

# ଓଚିନ୍ଦାରେ ବିଜୁ ସେତୁ ଶିଳାନ୍ୟାସ

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ପତରପଦା ପଂଚାୟତର ଓଚିନ୍ଦା ନାଳରେ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ ଉତ୍ସବ କୋରାଇ ବିଧାୟକ ଆଶୋକ ବଳଙ୍କ କରକମଳରେ ଶିଳାନ୍ୟାସ କରାଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ଘଡାଇ, ସରପଂଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସମିତିସଭ୍ୟା ପାର୍ବତୀ ବେହେରା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରଂଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ୭ମିଟର ଚଉଡା, ୪୩ ମିଟର ଲମ୍ବର ଏହି ସେତୁ ନିର୍ମାଣ ପାଇଁ ବ୍ୟୟ ଅଟକଳ ୧ କୋଟି ୬୭ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ଏହା ୪ଟି ସ୍ଥାନରେ ହେବ ବୋଲି ବିଭାଗୀୟ ସୂଚନା ମିଳିଛି । ମାର୍ଚ୍ଚ ଶେଷ ସୁଦ୍ଧା ଏହି ସେତୁ କାର୍ଯ୍ୟ ଶେଷ ହେବ । ଶିଳାନ୍ୟାସ ପରେ ଏହି ଅବସରରେ ଓଚିନ୍ଦା ରାସସ୍ଥଳୀ ଠାରେ ଏକ ସଭା ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ଶ୍ରୀ ବଳଙ୍କ ସମେତ ସମସ୍ତ ଅତିଥି ଓ ପଂଚାୟତ ସଭାପତି ସନ୍ତୋଷ କୁମାର ବେହେରା ସେଠାରେ ଯୋଗଦେଇଥିଲେ । ଗ୍ରାମର ବିଭିନ୍ନ ସମସ୍ୟା ସର୍ମ୍ପକରେ ଓ ନବ ଗଠିତ ପଥରପଦା ପଂଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସର୍ମ୍ପକରେ ବିଧାୟକଙ୍କ ନିକଟରେ ଦାବି କରାଯାଇଥିଲା । ପାଣିକୋଇଲି ବଜାରରୁ ଏକ ବାଇକ୍ ଶୋଭାଯାତ୍ରାରେ ବିଧାୟକଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ନିଆଯାଇଥିଲା । ଗ୍ରାମ୍ୟ ମୁଖ୍ୟ ରଘୁନାଥ ପାଢ଼ୀ, ସତିସ ଧଳ, ସ୍ୱପ୍ନାନନ୍ଦ ଦାସ, ପ୍ରଶାନ୍ତ ଦାଶ, ଗଙ୍ଗାଧର ସାହୁ, କାର୍ତ୍ତିକ ମଲ୍ଲିକ, ପ୍ରେମେଶ ମହାକୁଡ, ଆଲୋକ ବେହେରା, ଦୀପକ ରାୟ, ଅଶୋକ ଲେଙ୍କା,ଜିତେନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୁରେଶ ପଣ୍ଡା, ନିରଂଜନ ପରିଡା, ନାରାୟଣ ଗିରି, ଦେବୀଦତ ମହାପାତ୍ର, ଜିତେନ୍ଦ୍ର ଭାରତୀ, ମଦନ ମୋହନ ଜେନା, ଅଚ୍ୟୁତାନନ୍ଦ ସାହୁ, ଅକ୍ଷୟ ସାମଲ,ଫକୀର ଦାସ, ଗୋଲେଖ ଭାରତୀ, ସୁଦର୍ଶନ ମଲ୍ଲିକ, ଭୀମସେନ ପରିଡାଙ୍କ ସମେତ ଶତାଧିକ କର୍ମି ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଫୁଲବାଣୀରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

କନ୍ଧମାଳ, (ପିଏନ)- ମାଟିର ସ୍ୱାସ୍ଥ୍ୟ କହିଲେ ମାଟିର ଜୀବିତ ରହିବା କ୍ଷମତାକୁ ବୁଝାଇଥାଏ। ଏହି କ୍ଷମତା ମନୁଷ୍ୟ ତଥା ଜୀବଜଗତର ସ୍ୱାସ୍ଥ୍ୟ ଓ ପରିବେଶ ରକ୍ଷା କରିବାରେ ସହାୟକ ହେବା ସହିତ ମାଟିର ଉତ୍ପାଦନ ଶକ୍ତିକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏ ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ତେବେ କନ୍ଧମାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ-ତଥା-ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସୌଜନ୍ୟରେ ସ୍ଥାନୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ଫୁଲବାଣୀ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଦେବୀ କହଁରଙ୍କ ଅଧ୍ୟକ୍ଷତାରେ ଆଜି ବିଶ୍ୱ ମୃତ୍ତିକା ଦିବସ ୨୦୧୯ ପାଳିତ ହୋଇଯାଇଛି । କୃଷି ବିଶେଷଜ୍ଞମାନଙ୍କ ସୁପରାମର୍ଶ କ୍ରମେ ଚାଷ କାର୍ଯ୍ୟ କରିବାକୁ ଅଧ୍ୟକ୍ଷା ଶ୍ରୀମତୀ କହଁର ଉପସ୍ଥିତ ଚାଷୀଭାଇମାନଙ୍କୁ ପରାମର୍ଶ ଦେବା ସହି ଚାଷ କାର୍ଯ୍ୟ ସହ ପଶୁପାଳନକୁ ମଧ୍ୟ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଭାରପ୍ରାପ୍ତ କନ୍ଧମାଳ ଉପ-ଜିଲ୍ଲାପାଳ ଶ୍ରୀ ବୀରେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣର ଆବଶ୍ୟକତା ଏବଂ ମୃତ୍ତିକା କ୍ଷୟର ଅପକାରୀତା ବିଷୟରେ ବର୍ଣ୍ଣନା କରିଥିଲେ। ତେବେ ଚାଷୀଭାଇମାନଙ୍କର ତ୍ୟାଗପୂତ ଚାଷ କାର୍ଯ୍ୟ ଆଜି ମନୁଷ୍ୟ ତଥା ଜୀବଜଗତକୁ ବଂଚାଇ ଦେଉଛି କହିଲେ ଭୂଲ ହେବନାହିଁ ବୋଲି ଶ୍ରୀ ଦାସ କହିଥିଲେ। ଶୁଷ୍କାଚଂଳ କୃଷି ଗବେଷଣା କେନ୍ଦ୍ର କନ୍ଧମାଳର ବରିଷ୍ଠ କୃଷି ବୈଜ୍ଞାନିକ ଡଃ. ଦିଲ୍ଲୀପ ବସ୍ତିଆ କୃଷି କାର୍ଯ୍ୟକୁ ଧର୍ମକାର୍ଯ୍ୟ ବୋଲି ଆଖ୍ୟା ଦେଇଥିଲେ। ତେଣୁ, ସେମାନେ ଭଗବାନଙ୍କୁ ଆରାଧନା ନକଲେ ବି ତାଙ୍କର ନିକଟତର ହୋଇପାରିବେ ବୋଲି ମତ ଦେଇଥିଲେ। ମା' ଅସୁସ୍ଥ ହେଲେ ଯେପରି ପିଲାମାନେ ଅସୁସ୍ଥ ହୋଇଯାଆନ୍ତି, ସେହିପରି ମାଟି ମା' ଅସୁସ୍ଥ ହେଲେ ବୃକ୍ଷଲତା ଅସୁସ୍ଥ ହେବା ସହିତ ସମସ୍ତ ଜୀବଜଗତ ତଥା ପରିବେଶ ଅସୁସ୍ଥ ହୋଇପଡ଼ିବ ବୋଲି ଡଃ. ବସ୍ତିଆ ପ୍ରକାଶ କରିଥିଲେ।

ଘୁ.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡଃ. ଦେବାଶିଷ ମିଶ୍ର ମୃତ୍ତିକା ସଂରକ୍ଷଣ ଓ ତା'ର ଉପଯୋଗ ଉପରେ ବର୍ଣ୍ଣନା କରିଥିଲେ। ମାଟି ମା'କୁ ଜୀବନ୍ତ ରଖିବାକୁ ହେଲେ ମାଟି ଭିତରେ ଥିବା ଉପକାରୀ ଅଣୁଜୀବମାନଙ୍କୁ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ନକରି ଜୀବନ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ତେବେ ଜୈବିକ ସାର ଓ ସବୁଜ ସାରକୁ ଅଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଘୁ.ଉଦୟଗିରି ଆଂଚଳିକ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ଡଃ. ଦେବେନ୍ଦ୍ର କୁମାର ଦେବତା ମାଟିର ସ୍ୱାସ୍ଥ୍ୟ ପରିଚାଳନା ସର୍ମ୍ପକରେ ସମ୍ୟକ୍ ଧାରଣା ଦେଇଥିଲେ। ପ୍ରତି ୫ ସେକେଣ୍ଡରେ ଗୋଟିଏ ଫୁଟବଲ ପଡ଼ିଆ ଭଳି ଯାଗାର ମୃତ୍ତିକା କ୍ଷୟ ହେଉଥିବା ବେଳେ ଏକ ଇଂଚ ମାଟି ତିଆରି ପାଇଁ ପ୍ରାୟ ଏକ ହଜାର ବର୍ଷ ଲାଗିଯାଉଛି। ମାଟିକୁ ବାନ୍ଧି ରଖିଲା ଭଳି ଚାଷ ପ୍ରଣାଳୀ ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ଦାସ ସୁସ୍ଥ ମାଟିରୁ ସୁସ୍ଥ ବୃକ୍ଷ ସୃଷ୍ଟି ହୋଇଥାଏ ବୋଲି କହିବା ସହିତ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଉପରେ ଆଲୋଚନା କରିଥିଲେ। ମାଟିରେ ଜୈବିକ ଶକ୍ତି ଅଧିକ ଥିଲେ, ପାଣି ଧରି ରଖିବା କ୍ଷମତା ମଧ୍ୟ ଅଧିକ ହେବା ସହିତ ଉପକାରୀ ଅଣୁଜୀବମାନଙ୍କ ପାଇଁ ବସାଘର ମିଳିପାରିବ ବୋଲି ମତ ଦେଇଥିଲେ। ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶୈଳେନ୍ଦ୍ର ନାରାୟଣ ନାୟକ ମୃତ୍ତିକା ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ ପାଇଁ ସଚେତନତା ନିହାତି ଆବଶ୍ୟକ ବୋଲି କହିଥିଲେ। ଏକଫୁଟ୍ ଗଭୀରତା ମଧ୍ୟରେ ଥିବା ମାଟିରେ ଉପକାରୀ ଅଣୁଜୀବ ରହିଥାନ୍ତି, ଯାହା ଗଛକୁ ଖାଦ୍ୟ ଯୋଗାଇଥାଏ। ଉପର ମାଟିକୁ ନଷ୍ଟ ନକରାଯିବା ପାଇଁ ବିଭିନ୍ନ ଉପାଦେୟ ଆଲୋଚନା କରିଥିଲେ। ସେହିପରି, ମୃତ୍ତିକା ରସାୟନବିତ୍ ଶ୍ରୀ ବିରଂଚି ନାରାୟଣ ମଙ୍ଗରାଜ ସମନ୍ୱିତ ଖାଦ୍ୟସାର ପରିଚାଳନା ଓ ତାର ଉପକାରୀତା ଉପରେ ବୁଝାଇଥିଲେ। ଫୁଲବାଣୀ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କହଁର ମତ୍ସ୍ୟ ଚାଷ ପାଇଁ ସୁସ୍ଥ ମାଟିର ଭୂମିକା ଉପରେ ଆଲୋଚନା କରିଥିବା ବେଳେ ଫୁଲବାଣୀ ମୁଖ୍ୟ ପ୍ରାଣୀ ଚିକିତ୍ସା ଉପ-ନିର୍ଦ୍ଦେଶକ ଡା. ପ୍ରଶାନ୍ତ କୁମାର ମହାଲିକ ଚାଷୀଭାଇମାନେ ମୃତ୍ତିକାର ଉପାଦେୟତା, ପରିଚାଳନା ତଥା ସମନ୍ୱିତ ଖାଦ୍ୟସାର ପରିଚାଳନା ସର୍ମ୍ପକରେ ସଚେତନ ହେବା ସହିତ ପରମ୍ପରାଗତ ଚାଷକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। କନ୍ଧମାଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ-ତଥା-ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବିଚନ୍ଦ୍ର ନାୟକ ତାଙ୍କ ପ୍ରାରମ୍ଭିକ ସମ୍ଭାଷଣରେ ଚାଷ ପାଇଁ କେତେକ ସାଧାରଣ ପରାମର୍ଶ ଦେଇଥିଲେ। ପରେପରେ, ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯାଇଥିଲା। ଶେଷରେ ଆତ୍ମାର ଉପ-ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ବିଭାଗୀୟ ସରକାରୀ ପଦାଧିକାରୀମାନଙ୍କ ସମେତ ବହୁ ପୁରୁଷ ଓ ମହିଳା ଚାଷୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।

# ୱାନପ୍ଲସ ପକ୍ଷରୁ ଛଅବର୍ଷର ବିଶ୍ୱସ୍ତରୀୟ ସଫଳତା ପାଳନ

ଭୁବନେଶ୍ୱର: ଗ୍ଲୋବାଲ ଟେକ୍ନୋଲୋଜି ବ୍ରାଣ୍ଡ, ୱାନପ୍ଲସ ସମ୍ପୂର୍ଣ୍ଣ ବିଶ୍ୱରେ ଏହାର ଷଷ୍ଠ-ବାର୍ଷିକୀ ପାଳନ କରିଛି । ୨୦୧୩ରେ ଏହାର ପ୍ରାରମ୍ଭଠାରୁ ଏହି ବ୍ରାଣ୍ଡ ସାରା ବିଶ୍ୱରେ ପ୍ରମୁଖ ସଫଳତାର ନିଦର୍ଶନ ରହିଆସିଛି ଏବଂ ଏହାର ଫ୍ଲାଗସିପ ଡିଭାଇସ ଏହାକୁ ସବୁଠାରୁ ଅଧିକ ଲୋକପ୍ରିୟ ବ୍ରାଣ୍ଡରେ ପରିଣତ କରିଛି । ବିଗତ ଛଅବର୍ଷ ମଧ୍ୟରେ ଏହି ବ୍ରାଣ୍ଡ ଭାରତ, ଉତ୍ତର ଆମେରିକା, ୟୁରୋପ ଏବଂ ଚାଇନା ଭଳି ବଜାରରେ ଉଲ୍ଲେଖନୀୟ ପ୍ରତିକ୍ରିୟା ଗ୍ରହଣ କରିପାରିଛି । କିନ୍ତୁ ଚଳିତବର୍ଷ ତୃତୀୟ ତ୍ରୟିମାସିକ ପାଇଁ ନିକଟରେ କରାଯାଇଥିବା ତ୍ରୟିମାସିକ ଗଣନା ରିପୋର୍ଟ ଅନୁଯାୟୀ ଗତ ଦୁଇବର୍ଷ ମଧ୍ୟରେ ଏହି ବ୍ରାଣ୍ଡ ବର୍ଷାନୁବର୍ଷ ୯୫% ଅଭିବୃଦ୍ଧି ସହ ଭାରତରେ ଏହାର ସ୍ଥିତିକୁ ସୁଦୃଢ଼ କରିପାରିଛି । ଏହା ବ୍ୟତିତ ନିକଟରେ ଭାରତରେ ଏହାର ପ୍ରଥମ ଆର ଆଣ୍ଡ ଡି ସେଣ୍ଟର ଉଦ୍‌ଘାଟନ କରାଯାଇଛି । ଏହାର ଦ୍ରୁତଗାମୀ ରିଟେଲ ସଂପ୍ରସାରଣ ଯୋଜନାର ଏକ ଅଂଶଭାବେ ଏହା ଆସନ୍ତା ବର୍ଷ ଶେଷ ସୁଦ୍ଧା ୫୦୦୦ରୁ ଅଧିକ ଅଫଲାଇନ ଷ୍ଟୋର ଏବଂ ସର୍ଭିସ ସେଣ୍ଟର ପରିଚାଳନା କରିବାର ଲକ୍ଷ୍ୟ ରଖିଛି ।

ଏହି ୬ ବର୍ଷ ପୂର୍ତ୍ତି ପାଳନ ପରିପ୍ରେକ୍ଷୀରେ ୱାନପ୍ଲସ ଇଣ୍ଡିଆର ସାଧାରଣ ପରିଚାଳକ, ଶ୍ରୀ ବିକାଶ ଅଗରୱାଲ କହିଛନ୍ତି ଯେ, "ବିଗତ ଛଅବର୍ଷ ୱାନପ୍ଲସ ପାଇଁ ଏକ ଉଲ୍ଲେଖନୀୟ ଯାତ୍ରା ରହିଆସିଛି, ଯାହାକି ଗୋଟିଏ ବ୍ରାଣ୍ଡ ଭାବେ ଅନେକ ସଫଳତା ଏବଂ ନୂତନ ଶିକ୍ଷା ମଧ୍ୟ ପାଇଛି । ନୂତନ ୱାନପ୍ଲସ ୭ ସିରିଜର ଶୁଭାରମ୍ଭ ସହ ୨୦୧୯ ଆମ ପାଇଁ ଏକ ବିଶେଷ ବର୍ଷ ଭାବେ ପରିଗଣିତ ହୋଇଛି ।" ଏହାର ସଫଳ ଯାତ୍ରାକୁ ସ୍ମରଣୀୟ କରି ରଖିବା ପାଇଁ ଏବଂ ଭାରତରେ ୱାନପ୍ଲସ ପ୍ରଶଂସକଙ୍କୁ କିଛି ଦେବା ପାଇଁ ଅନେକ ଆକର୍ଷଣୀୟ ଅଫର ସହ ନୂତନ ୱାନପ୍ଲସ ୭ ସିରିଜ ଡିଭାଇସକୁ ଅପଗ୍ରେଡ କରିବା ନିମନ୍ତେ ଏହାର ଗ୍ରାହକମାନଙ୍କ ପାଇଁ ଏକ ବିଶେଷ ସୁଯୋଗ ନେଇଆସିଛି । ୱାନପ୍ଲସର ଗ୍ରାହକମାନେ ଏହି ଅଫର ଗୁଡ଼ିକୁ ଚଳିତ ବର୍ଷ ୬ ଡିସେମ୍ବର ଠାରୁ ମଙ୍ଗଳବାର ୧୭ ଡିସେମ୍ବର ପର୍ଯ୍ୟନ୍ତ ଉପଲବ୍ଧ କରିପାରିବେ। ଏହାବ୍ୟତୀତ ୱାନପ୍ଲସ ପକ୍ଷରୁ ଏହାର ୱାନପ୍ଲସ ୭ ପ୍ରୋ ଏବଂ ୱାନପ୍ଲସ ୭ଟି ଉପରେ ଟ.୨୦୦୦ ରୁ ଟ.୬୦୦୦ପର୍ଯ୍ୟନ୍ତ ରିହାତି ମଧ୍ୟ ଦିଆଯାଉଛି ।

# କଲ୍ୟାଣ ଜୁଏଲର୍ସ ପକ୍ଷରୁ ବଡ଼ଦିନ ଉପଲକ୍ଷେ ମେଗା ଅଫର ଓ ରିହାତି ଘୋଷଣା

ଭୁବନେଶ୍ୱର: ଭାରତର ସର୍ବବୃହତ ଓ ସବୁଠୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ କଲ୍ୟାଣ ଜୁଏଲର୍ସ ପକ୍ଷରୁ ବଡ଼ଦିନ ଉପଲକ୍ଷେ ମେଗା ଅଫର ଓ ରିହାତି ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୧୫%-୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। କଲ୍ୟାଣରେ ଗଢ଼ା ମୂଲ୍ୟ ଗ୍ରାମ ପ୍ରତି ୧୯୯ ଟଙ୍କାରୁ ଆରମ୍ଭ ହୋଇଛି।

ଏହି ମେଗା ରିହାତି ଓ ଅଫର ୨୦୨୦ ଜାନୁଆରି ୩୧ ପର୍ଯ୍ୟନ୍ତ ଜାରି ରହିବ।

ଏ ସଂପର୍କରେ ଶ୍ରୀଯୁକ୍ତ ଟି ଏସ କଲ୍ୟାଣରମଣ, ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, କଲ୍ୟାଣ ଜୁଏଲର୍ସ କହିଛନ୍ତି ଯେ, "ଏହି ଋତୁରେ ଆମ ଗ୍ରାହକଙ୍କ ଠାରୁ ମିଳିଥିବା ସମର୍ଥନକୁ ନେଇ ଆମେ ବହୁତ ଉତ୍ସାହିତୟ ଗ୍ରାହକମାନେ ସେମାନଙ୍କ ଗହଣା କିଣିବା ବେଳେ ଯେଭଳି ସର୍ବାଧିକ ମୂଲ୍ୟ ପାଇପାରିବେ ସେଥିପାଇଁ ଆମେ କଲ୍ୟାଣ ଜୁଏଲର୍ସରେ ଉଦ୍ୟମ କରିଥାଉ। ବଡ଼ଦିନ ହେଉଛି ସେହି ସମୟ ଯେତେବେଳେ ଉପହାର ସାମଗ୍ରୀ ବିକ୍ରିରେ ବୃଦ୍ଧି ଘଟିଥାଏ। ଏହା ବ୍ୟତୀତ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ସାରା ଦେଶରେ ବିବାହ ଋତୁ ଜାରି ରହିବ। ଆମ ଗ୍ରାହକଙ୍କ ପାଇଁ ଏହି ଅଦମ୍ୟ ଅଫର ପ୍ରସ୍ତୁତ କରିବା ବେଳେ ଆମେ ଉଭୟ ବର୍ଗକୁ ଦୃଷ୍ଟିରେ ରଖିଥିଲୁ।''

ଗ୍ରାହକମାନେ ସୁନା ଗହଣା ଉପରେ କଲ୍ୟାଣର ନୂଆ ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ ପାଇପାରିବେ। ନିଜର ବିଶ୍ୱସ୍ତ ଗ୍ରାହକଙ୍କ ପ୍ରତି କଲ୍ୟାଣର ଏହା ଏକ ସ୍ୱତନ୍ତ୍ର ଅଭିଯାନ। କଲ୍ୟାଣରେ ବିକ୍ରି ହେଉଥିବା ଗହଣାଗୁଡ଼ିକ ଅନେକ ଶୁଦ୍ଧତା ସ୍ତର ଦେଇ ଗତି କରିଥାଏ ଏବଂ ସବୁ ଗହଣାରେ ବିଆଇଏସ ହଲମାର୍କ ରହିଛି। ଏହା ଗହଣା ଉପରେ ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ ପ୍ରଦାନ କରୁଛି। କଲ୍ୟାଣରେ ଗ୍ରାହକମାନେ ଇୟର ରିଙ୍ଗ, ଚୁଡ଼ି, ନେକଲେସ ଆଦିର ପାରମ୍ପରିକ ଓ ସମସାମୟିକ ଡିଜାଇନ ପାଇପାରିବେ। ବ୍ରାଇଡାଲ ଗହଣାରେ ରହିଛି ମୁହୁରତ କଲେକ୍ସନ। ଏହା ବ୍ୟତୀତ କଲ୍ୟାଣର ତେଜସ୍ୱୀ, ମୁଧ୍ରା, ନିମାହ, ଗ୍ଲୋ, ଜିଆ, ଅନୋଖି, ଅପୂର୍ବା, ଅନ୍ତରା, ହେରା ଓ ରଙ୍ଗ ଭଳି ଗହଣା ସମ୍ଭାର ମଧ୍ୟ ରହିଛି।

# ଖଡିଆଳରେ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ପ୍ରମୁଖ ସହର ଖଡିଆଳ । ଏହି ସହର ଜିଲ୍ଲାର କେନ୍ଦ୍ରସ୍ଥଳୀ ଭାବେ ପରିଚିତ । ଫଳରେ ଏହି ସହର ଆଜି ମଧ୍ୟ ବ୍ୟବସାୟ ସହ ଅନ୍ୟାନ୍ୟ କ୍ଷେତ୍ରରେ ସୁପରିଚିତ । ଏପରିକି ଏହି ସହରରେ ନୂଆପଡା ଜିଲ୍ଲା ଗଠନ ହେବା ପୂର୍ବରୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ, ବେସରକାରୀ ଅନୁଷ୍ଠାନ ଗୁଡିକ ରହିଛି । ହେଲେ ପରିତାପର ବିଷୟ ଏହି ସହରରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ରାଜା ଆର୍ତ୍ତତ୍ରାଣ ହାଇସ୍କୁଲର ଖେଳ ପଡିଆକୁ ତତ୍‌କାଳୀନ ଉପଜିଲ୍ଲାପାଳ ସରୋଜ କୁମାର ଝା ବସଷ୍ଟାଣ୍ଡ ରୁପେ ନିର୍ମାଣ କରି ଦୀର୍ଘ ବର୍ଷ ଧରି ଚାଲି ଆସୁଥିଲା । ହେଲେ କୌଣସି କାରଣ ବଶତଃ ତତ୍‌କାଳୀନ ଜିଲ୍ଲାପାଳ ଜୟକୁମାର ଭି ଏହି ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରି ବ୍ଲକ ଛକ ନିକଟରେ ଥିବା ପ୍ୟାରେଡ୍ ପଡିଆକୁ ବସଷ୍ଟାଣ୍ଡ ରୂପେ ତିଆରି କଲେ । ହେଲେ ଏହି ବସଷ୍ଟାଣ୍ଡ ଆରମ୍ଭ ହେବା ଦିନ ଠାରୁ ବିଭିନ୍ନ ଅବ୍ୟବସ୍ଥାରେ ଗତି କରୁଛି । ଏପରିକି ଏଠାରେ ବିଦ୍ୟୁତ୍ ସୁବିଧା ଠିକରେ ନଥିବା ବେଳେ ସାଧାରଣ ଯାତ୍ରୀ ଆତଙ୍କିତ ଅବସ୍ଥାରେ ରହିଥାନ୍ତି । ପୁଣି ବିଶେଷକରି ମହିଳା ଯାତ୍ରୀମାନେ ସନ୍ଧ୍ୟା ହେଲେ ଭୟ କରୁଥିବା ବେଳେ ସନ୍ଧ୍ୟା ସମୟରେ ଏହି ବସଷ୍ଟାଣ୍ଡ ଏକ ପ୍ରକାର ଖାଁ ଖାଁ ଦେଖାଯାଉଛି । ଏହାସହ ଏହି ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମଗାର ନଥିବା ବେଳେ ପରିସ୍ରାଗାର ମଧ୍ୟ ନାହିଁ। ଫଳରେ ଯାତ୍ରୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନର ମଧ୍ୟ ନୂତନ ବସଷ୍ଟାଣ୍ଡ ନିର୍ମାଣ କରୁନାହାନ୍ତି କିମ୍ବା ଏହି ବସଷ୍ଟାଣ୍ଡ ପ୍ରତି ନଜର ରଖୁନାହାନ୍ତି । ଫଳରେ ଜିଲାର ପ୍ରମୁଖ ସହରରେ ଗୋଟିଏ ସ୍ଥାୟୀ ବସଷ୍ଟାଣ୍ଡ ନଥିବା ପରିତାପର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିଭିନ୍ନ ସୁବିଧା ସୁଯୋଗ ରହିଥିବା ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଖଡିଆଳ ଅଞ୍ଚଳବାସୀ ଦାବୀ ଜଣାଇଛନ୍ତି । ଅନ୍ୟଥା ଆଗାମୀ ଦିନରେ ଜନ ଆନ୍ଦୋଳନ ଦେଖା ଦେବାର ଯଥେଷ୍ଟ ସମ୍ଭାବନା ରହିଛି ।




Bhubaneswar Thursday December 19 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୧୯ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ରିଲାଏନ୍ସ-ବିପି ସହଭାଗିତାରେ 'ଜିଓ-ବିପି' ନାମିତ ରିଟେଲ୍ ନେଟ୍ୱର୍କ ୫ ବର୍ଷରେ ୫,୫୦୦ ସ୍ଥାନକୁ ସଂପ୍ରସାରିତ ହେବ

ମୁମ୍ବାଇ: ଏକ ନୂତନ ଭାରତୀୟ ଇନ୍ଧନ ଓ ଗମନାଗମନ ଯୌଥ ଉଦ୍ୟୋଗ ସ୍ଥାପନ କରିବା ଲାଗି ବିପି ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ) ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏନେଇ ଗତ ଅକ୍ଟୋବର ମାସରେ ଦୁଇ କଂପାନି ମଧ୍ୟରେ ପ୍ରାରମ୍ଭିକ ରାଜିନାମା ହୋଇଥିଲା। ସମସ୍ତ ଆବଶ୍ୟକ ବୈଧାନିକ ଓ ଅନ୍ୟାନ୍ୟ ମଂଜୁରି ଠିକ ସମୟରେ ମିଳିଗଲେ ଏହି ନୂତନ ଯୌଥ ଉଦ୍ୟୋଗ ୨୦୨୦ ବର୍ଷର ପ୍ରଥମାର୍ଦ୍ଧ ସୁଦ୍ଧା ଗଠନ ହୋଇଯିବା ଆଶା ରହିଛି। ରିଲାଏନ୍ସ ଓ ବିପି ପକ୍ଷରୁ ସ୍ଥାପନ କରାଯାଇଥିବା ଏହି ଯୌଥ ଉଦ୍ୟୋଗ ଭାରତରେ ଇନ୍ଧନ ରିଟେଲ ସର୍ଭିସ ଷ୍ଟେସନ (ପେଟ୍ରୋଲ ପମ୍ପ) ଖୋଲିବ ଓ ବିମାନ ଇନ୍ଧନର ବିପଣନ କାରବାର କରିବ। ଉଭୟ ସଂସ୍ଥା ମିଳିତ ଭାବେ ଦ୍ରୁତ ଗତିରେ ଆଗକୁ ବଢ଼ିବା ସହିତ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଇନ୍ଧନ ଓ ଗମନାଗମନ ଚାହିଦାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବେ। ଏହି ଯୌଥ ଉଦ୍ୟୋଗ ଆସନ୍ତା ପାଂଚ ବର୍ଷ ଭିତରେ ଏହାର ଉପସ୍ଥିତିକୁ ବ୍ୟାପକ ଭାବେ ସଂପ୍ରସାରିତ କରିବ। ବର୍ତ୍ତମାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ସାରା ଦେଶରେ ୧୪୦୦ରୁ ଅଧିକ ଇନ୍ଧନ ରିଟେଲ ଷ୍ଟେସନ ଓ ୩୦ଟି ବିମାନ ଇନ୍ଧନ ଷ୍ଟେସନ ରହିଛି। ଆସନ୍ତା ପାଂଚ ବର୍ଷ ଭିତରେ ଏହି ନୂଆ ଯୌଥ ଉଦ୍ୟୋଗ ବଳରେ ଇନ୍ଧନ ରିଟେଲ ଷ୍ଟେସନ ସଂଖ୍ୟା ୫,୫୦୦ଟି ସ୍ଥାନକୁ ସଂପ୍ରସାରିତ ହେବା ସହିତ ବିମାନ ଇନ୍ଧନ ଷ୍ଟେସନ ସଂଖ୍ୟା ୪୫ରେ ପହଂଚି ଦେଶର ସବୁଠୁ ପସନ୍ଦର ଯାନ ଓ ବିମାନ ଇନ୍ଧନ ପ୍ରଦାନକାରୀ ଭାବେ ଉଭା ହେବ। ସମ୍ପୂର୍ଣ୍ଣ ଇନ୍ଧନ ରିଟେଲ ନେଟ୍ୱର୍କ 'ଜିଓ-ବିପି' ନାମରେ ନାମିତ ହେବ। ଜିଓର ଡିଜିଟାଲ ପ୍ଲାଟଫର୍ମ ଏବଂ ଇନ୍ଧନ ବ୍ୟବସାୟ କ୍ଷେତ୍ରରେ ସାରା ବିଶ୍ୱରେ ବିପିର ରହିଥିବା ଅଭିଜ୍ଞତାକୁ ପାଥେୟ କରି ଏହି ଯୌଥ ଉଦ୍ୟୋଗ ଗ୍ରାହକଙ୍କୁ ଉତମ ମାନର ଇନ୍ଧନ ସହିତ ବ୍ୟାପକ ସୁବିଧା ଯୋଗାଇ ଦେବ। ଏଥି ସହିତ ଏହାର ସମଗ୍ର ନେଟ୍ୱର୍କରେ କ୍ୟାଷ୍ଟ୍ରଲ ଲୁବ୍ରିକ୍ୟାଂଟ ମଧ୍ୟ ଉପଲବ୍ଧ ହେବ। ମୁମ୍ବାଇ ଠାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଅଧ୍ୟକ୍ଷ ଓ ପରିଚ୍ଳଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନି ଓ ବିପିର ଗ୍ରୁପ ଚିଫ୍ ଏକଜିକ୍ୟୁଟିଭ ବବ ଡୁଡ୍ଲି ସୋମବାର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁକେଶ ଅମ୍ବାନି କହିଛନ୍ତି ଯେ, 'ବିପି ଓ ରିଲାଏନ୍ସ ସେମାନଙ୍କ ସଂପର୍କକୁ ଆହୁରି ସୁଦୃଢ଼ କରିବାକୁ ଯାଉଥିବାରୁ ମୁଁ ବେଶ ଉଲ୍ଲସିତ। ବିପି ଓ ରିଲାଏନ୍ସ ସେମାନଙ୍କ ବୈଷୟିକ ଜ୍ଞାନ, ବିଶେଷତା ଏବଂ ଅନୁଭୂତିର ମିଶ୍ରଣରେ ଭାରତୀୟ ଗ୍ରାହକମାନଙ୍କୁ ବିଶ୍ୱ ସ୍ତରୀୟ ଉତ୍ପାଦ ଓ ସେବା ପ୍ରଦାନ କରିବେ। ଆମର ବିଶ୍ୱାସ ରହିଛି ଯେ ଆମେ ମିଳିତ ଭାବେ ଏଭଳି ସମାଧାନ ଆଣିବୁ ଯାହା ଦ୍ୱାରା ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ବଜାର ଲାଭବାନ ହେବ।'' ବବ ଡୁଡ୍ଲି କହିଛନ୍ତି ଯେ, 'ଭାରତ ହେଉଛି ବିଶ୍ୱର ଶକ୍ତି କ୍ଷେତ୍ରରେ ଅନ୍ୟତମ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବଜାର, ଯାହାର ପରିବହନ ଓ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରୁଛି। ଦେଶର ଦ୍ରୁତ ବର୍ଦ୍ଧିଷ୍ଣୁ ଗମନାଗମନ ସମାଧାନ, ଉଚ୍ଚ ମାନର ଇନ୍ଧନ ଓ ସେବାକୁ ଏହି ଯୌଥ ଉଦ୍ୟୋଗ ଜରିଆରେ ପୂରଣ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଆମ ବ୍ୟବସାୟରେ ଏହି ବଡ଼ ଧରଣର ସଂପ୍ରସାରଣ ଭାରତ ପ୍ରତି ଆମର ରହିଥିବା ଦୀର୍ଘମିଆଦୀ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ରିଲାଏନ୍ସ ଓ ବିପି ମିଳିତ ଭାବେ ସ୍ଥାପନ କରିଥିବା ଯୌଥ ଉଦ୍ୟୋଗରେ ରିଲାଏନ୍ସର ୫୧% ଓ ବିପିର ୪୯% ଅଂଶଧନ ରହିଛି ଏବଂ ଏହା ପାଖରେ ରିଲାଏନ୍ସର ଭାରତରେ ଥିବା ଇନ୍ଧନ ଷ୍ଟେସନ ଓ ବିମାନ ଇନ୍ଧନ ବ୍ୟବଦାୟର ସମ୍ପୂର୍ଣ୍ଣ ମାଲିକାନା ରହିବ।

## ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ 'ଖିଲ୍‌ତା ବଚ୍‌ପନ୍'ର ଶୁଭାରମ୍ଭ

ଭୁବନେଶ୍ୱର : ଉତ୍ତର ଭାରତରେ ପିଲାମାନଙ୍କୁ ନିଜର ସକାରାତ୍ମକ ବିକାଶ କ୍ଷେତ୍ରରେ ନିୟୋଜିତ କରି ରଖିବା (ଏନ୍‌ଗେଜ୍), ନିର୍ଭୟରେ ସେମାନଙ୍କ ମନର ଭାବନାକୁ ପରିପ୍ରକାଶ କରାଇବା(ଏକ୍ସପ୍ରେସ୍) ଏବଂ ସେମାନଙ୍କୁ ସଶକ୍ତ କରିବା(ଏମ୍‌ପାୱାର) କ୍ଷେତ୍ରରେ ସହଯୋଗ କରିବା ପାଇଁ କଳାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଅଭିନବ ଅଭିଯାନ 'ଖିଲ୍‌ତା ବଚ୍‌ପନ୍'ର ସଫଳ କାର୍ଯ୍ୟକାରିତା ପରେ ଆଜି ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ପୂର୍ବ ଭାରତରେ ଭୁବନେଶ୍ୱରସ୍ଥିତ ସ୍ଥାନୀୟ ଜୟଦେବ ବିହାରର ଓଡିଶୀ ରିସର୍ଚ୍ଚ ସେଣ୍ଟର ଠାରେ ଅପରାହ୍ନ ୨.୩୦ରୁ ୫ଟା ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ, ବିଭିନ୍ନ କର୍ପୋରେଟ୍ ସଂସ୍ଥା, ସରକାରୀ ଓ ବେସରକାରୀ ସଂସ୍ଥାର ପ୍ରତିନିଧି ତଥା ବ୍ୟକ୍ତି ବିଶେଷ ଯୋଗ ଦେଇଛନ୍ତି। ଏହି ଅଭିଯାନ ମାଧ୍ୟମରେ ଚାଇଲ୍ଡ ଫଣ୍ଡ ଆସନ୍ତା ଦୁଇବର୍ଷ ମଧ୍ୟରେ ପୁରାଦେଶର ୧୫ଟି ରାଜ୍ୟରେ ୨୫୦,୦୦୦ରୁ ଊର୍ଦ୍ଧ୍ୱ ଶିଶୁ ତଥା ଯୁବପିଢ଼ୀଙ୍କ ନିକଟରେ ପହଞ୍ଚିବାର ଲକ୍ଷ୍ୟ ରଖିଛି।

# ଗାଇଡାନ୍ସ ସ୍କୁଲର ୩୨ତମ ବାର୍ଷିକ ଉତ୍ସବ ଗାର୍ଭିସା-୨୦୧୯



ଭୁବନେଶ୍ୱର: ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ ପକ୍ଷରୁ ତାଙ୍କର ୩୨ତମ ବାର୍ଷିକ ଉତ୍ସବ ଗାର୍ଭିସା-୨୦୧୯ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡିଶାର ମାନ୍ୟବର ଗଭର୍ଣ୍ଣର ପ୍ରଫେସର ଗଣେଷୀ ଲାଲ୍ ଉପସ୍ଥିତ ରହି ସ୍କୁଲର ବାର୍ଷିକ ରିପୋର୍ଟକୁ ଉନ୍ମୋଚନ କରିଥିଲେ। ତତ୍ ସହିତ ସିବିଏସ୍‌ଇରେ ଟପର ସ୍କୁଲ ଛାତ୍ରଛାତ୍ରୀ ଯଥା ସିପ୍ରା ମହାନ୍ତି, ସଂଜିବନୀ ମହାପାତ୍ର, ଆଶୁତୋଷ ମହାପାତ୍ର, ଆଦ୍ୟାଶା ରାୟ, ଶ୍ରୁତି ଲେଙ୍କାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ଏବଂ ପାଠପଢାରେ ଚାମ୍ପିଆନ୍ ଛାତ୍ରୀ ନିର୍ଲିପ୍ତା ବରାଳ ଏବଂ ଖେଳରେ ମୋନାଲିସା ପ୍ରଧାନ, ଜାର୍ଫି ମୋହମ୍ମଦଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଶିକ୍ଷକ ଭାବେ ପ୍ରଭାତ ମିଶ୍ର, ବସନ୍ତ ଲେଙ୍କା ପୁରସ୍କୃତ ହୋଇଥିଲେ। ଏହା ସହିତ ସମ୍ମାନିତ ଅତିଥି ଭାବେ ସିବିଏସ୍‌ଇର ଆଂଚଳିକ ଅଫିସର ଟି. ମାତେ, ମୁଖ୍ୟ ବକ୍ତା ଭାବେ ଜଟଣୀର ବିଧାୟକ ଏବଂ ଜେମ୍ସର ସଭାପତି ସୁରେଶ କୁମାର ରାଉତରାୟ, ସ୍କୁଲର ସଚିବ ସୟେଦ ସର୍ଫରାଜ୍ ଅଲ୍ଲି, ପ୍ରିନ୍ସିପାଲ ସୁଭାସିନୀ ପଟ୍ଟନାୟକ, ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଜେମ୍ସର ସୟେଦ ରିଜ୍ୱାନୁଲ୍ ହକ୍ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ସୟେଦ୍ ଇନ୍‌ଜାମାମୁଲ ହକ୍ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୁଦାୟ ୨୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ହନିୱେଲ ର ଭାରତରେ ରଜତ ଜୟନ୍ତୀ ପାଳନ

ଭୁବନେଶ୍ୱର : ହନିୱେଲର ଇଂଜିନିୟରିଂ ଶାଖା ହନିୱେଲ ଟେକ୍ନୋଲୋଜି ସଲ୍ୟୁସନ ଚଳିତ ବର୍ଷ ଭାରତରେ ଏହାର ୨୫ ବର୍ଷ ପୂର୍ତ୍ତି ପାଳନ କରୁଅଛି। ୧୯୯୪ ରେ ସ୍ଥାପିତ ହୋଇଥିବା କମ୍ପାନୀ ଭାରତ ତଥା ବିଶ୍ୱରେ ହନିୱେଲ ର ବ୍ୟବସାୟରେ ସହାୟତା ଯୋଗାଇ ଆସୁଛି। ବିଗତ ୨୫ ବର୍ଷରେ ଭାରତରେ ୫୦୦୦ ରୁ ଊର୍ଦ୍ଧ୍ୱ ଇଂଜିନିୟର ଏରୋସ୍ପେସ, ବିଲଡିଂ ଟେକ୍ନୋଲୋଜି, ସୁରକ୍ଷା ଓ ଉତ୍ପାଦକତା, ପ୍ରଦର୍ଶନ ସାମଗ୍ରୀ ଓ ପ୍ରଯୁକ୍ତି କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବରେ ନିୟୋଜିତ ହୋଇଛନ୍ତି। ଏହି ଉତ୍ସବ ପାଳନ ପାଇଁ ହନିୱେଲ ପକ୍ଷରୁ କର୍ମଚାରୀ ମାନଙ୍କ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ତନ୍ମଧ୍ୟରେ ବାର୍ଷିକ 'ବ୍ରିଙ୍ଗ ୟୋର କିଡସ ଟୁ ୱାର୍କ' ଅନ୍ୟତମ। ଏହି କାର୍ଯ୍ୟକ୍ରମରେ ୩୦୦ ପିଲାଙ୍କୁ ସେମାନଙ୍କ ପିତାମାତା କରୁଥିବା କାମ ସମ୍ବନ୍ଧରେ ସୁଚନା ଦିଆଯାଇଥିଲା। ନଭେମ୍ବର ୨୦୧୯ରେ ହନିୱେଲ ଟେକ୍ନୋଲୋଜି ଗ୍ରେସ ହପର ସେଲେବ୍ରେସ ଇଣ୍ଡିଆ ସହ ସହବନ୍ଧିତ ହୋଇ ପ୍ରଯୁକ୍ତିରେ ନାରୀ ଓ ନେତୃତ୍ୱ ସମ୍ବନ୍ଧରେ କାର୍ଯ୍ୟକ୍ରମ ମାନ ଆୟୋଜନ କରିଥିଲେ। ଏହି କ୍ୟାରିୟର ବୁଥରେ ୧୪୦୦ ରୁ ଊର୍ଦ୍ଧ୍ୱ ଭାଗନେଇଥିଲେ ତନ୍ମଧ୍ୟରେ ୬୮% ପେଶାଦାର ଥିଲେ। ଚାରି ଜଣିଆ ସଦସ୍ୟ ବିଶିଷ୍ଟ ଷ୍ଟାର୍ଟଅପ ଭାବରେ ଆରମ୍ଭ ହୋଇଥିବା ହନିୱେଲ ଟେକ୍ନୋଲୋଜି ସଲ୍ୟୁସନ ଭାରତରେ ଏହାର କାର୍ଯ୍ୟ ହନିୱେଲ ଇଣ୍ଡିଆ ସଫ୍ଟୱେୟାର ଅପରେସନସ୍ (ଏଚଆଇଏସଓ) ମାଧ୍ୟମରେ ଆରମ୍ଭ କରିଥିଲେ। ଏହାର ଅଫିସ ବାଙ୍ଗାଲୁରୁ ଠାରେ ସ୍ଥାପନା କରାଯାଇଥିଲା।

# ଓଡ଼ିଶା ସଟଲର ମାନଙ୍କର ବିଜୟପର୍ବ ଆରମ୍ଭ

ଭୁବନେଶ୍ୱର: ଉଦଘାଟନ ଦିନର କିଛି ଅସଫଳତା ପରେ ଆୟୋଜକ ଓଡ଼ିଶା ବିଜୟର ସ୍ୱାଦ ପାଇପାରିଛି। ୧୭ ବର୍ଷରୁ କମ ସିଙ୍ଗଲ୍‌ସରେ ଆୟୁଷ ପଟ୍ଟନାୟକ ଏବଂ ଆୟୁଷ ଦାଶଙ୍କର ଖୁବ୍ ପ୍ରଭାବକାରୀ ପ୍ରଦର୍ଶନ ରହିଛି। ୭ତମ ସିଡ୍ ଆୟୁଷ ପଟ୍ଟନାୟକ ୨୧-୧୨, ୧୨-୨୧, ୨୩-୨୧ରେ ହିମାଂଶୁ ଖତାନା(ରାଜସ୍ଥାନ)ଙ୍କ ଉପରେ ବିଜୟ ହାସଲ କରିଛନ୍ତି। ଆୟୁଷ ଦାଶ ଚୟନିତ ଜୋଶୀଙ୍କୁ(ଉତ୍ତରାଖଣ୍ଡ) ୨୧-୧୨, ୧୩-୨୧,୨୧-୧୩ରେ ପରାଜୟ କରିବା ପୂର୍ବରୁ ଦୃଢ଼ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ଓଡ଼ିଶାର ଆଶାୟୀ ପ୍ରତିଭା ଶ୍ୱେତପର୍ଣ୍ଣା ପଣ୍ଡା ଆୟୋଜକ ରାଜ୍ୟ ଓଡ଼ିଶା ପାଇଁ ଅଧିକ ଖୁସି ଆଣିଦେଇଛନ୍ତି କାରଣ ସେ ନିଜ ସହଯୋଗୀ ଭାବେ ସାତ୍ୱିକ ରେଡ୍ଡୀ କେ (କର୍ଣ୍ଣାଟକ)ଙ୍କ ସହ ୧୫ ବର୍ଷରୁ କମ ମିକ୍ସଡ୍ ଡବଲସ ପ୍ରାରମ୍ଭିକ ମ୍ୟାଚରେ ବିଜୟ ହାସଲ କରିପାରିଛନ୍ତି। ଶୀର୍ଷ ସିଡ ପ୍ରାପ୍ତ ଶ୍ୱେତାପର୍ଣ୍ଣା ଏବଂ ସାତ୍ୱିକ ହରିୟାଣାର ଇଶାନ ରୋହିଲା ଏବଂ ଚିତୱନ ଖତ୍ରୀଙ୍କୁ ୨୧-୧୩, ୨୧-୧୦ ବ୍ୟବଧାନରେ ହରାଇ ପ୍ରାକ କ୍ୱାଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୀର୍ଷ ସିଡ୍ ରାଘବ (୧୫ବର୍ଷରୁ କମ୍ ବାଳକ), ପ୍ରଣଭ ରାଓ ଗନ୍ଧମ(୧୭ବର୍ଷରୁ କମ୍ ବାଳକ) ଏବଂ ତାରା ଶାହ(୧୫ବର୍ଷରୁ କମ ବାଳିକା), ୟୋନେକ୍ସ-ସନ୍‌ରାଇଜ ୩୩ତମ ଜାତୀୟ ଉପ କନିଷ୍ଠ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ୨୦୧୯ରେ ସହଜ ବିଜୟ ସହିତ ନିଜନିଜର ସିଙ୍ଗଲ୍‌ସ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପ୍ରତିଯୋଗୀତା ଗତ କାଲିଠାରୁ ପୂର୍ବ ତଟ ରେଳବାଇ ଇଣ୍ଡୋର ଷ୍ଟାଡିୟମ ଏବଂ ଶହିଦନଗର ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ରାଘବ(ହରିୟାଣା) ଟୋପଜାଙ୍ଗ୍ ଲେପ୍‌ଚାଙ୍କୁ(ସିକିମ) ୨୧-୧୮,୨୧-୭ରେ ପରାସ୍ତ କରିଛନ୍ତି, ଯେବେକି ଗନ୍ଧମ(ତେଲେଙ୍ଗାନା) ପଙ୍କଜଙ୍କ ଠାରୁ (ହରିୟାଣା)୨୧-୮,୨୧-୯ରେ ବିଜୟ ହାସଲ କରିଛନ୍ତି। ଉଭୟ ତୃତୀୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୫ ବର୍ଷରୁ କମ ବାଳିକା ସିଙ୍ଗଲ୍‌ସରେ ତାରା(ମହାରାଷ୍ଟ୍ର) ୩୨ ବିଶିଷ୍ଟ ରାଉଣ୍ଡରେ ନିଜର ସ୍ଥାନ ଦୃଢ଼ କରିବା ପାଇଁ ପ୍ରତିକ୍ଷା ଯୋଶୀଙ୍କୁ ୨୧-୧୯, ୨୧-୮ରେ ହରାଇଛନ୍ତି। ଆଜିର ପ୍ରାରମ୍ଭିକ ମ୍ୟାଚରେ ଅଧିକାଂଶ ସିଡେଡ ସଟଲରମାନେ ବିଜୟ ହାସଲ କରିଥିଲେ କାରଣ ପ୍ରତିଯୋଗୀତାରେ ଆଜି ଖେଳାଳୀଙ୍କ ମଧ୍ୟରେ ଖୁବ୍ ଜୋଶ ଦେଖାଯାଇଥିଲା। ଯେବେକି ୧୫ ବର୍ଷରୁ କମ ବାଳକ ସିଙ୍ଗଲ୍‌ସ ଇଭେଣ୍ଟରେ ଭୁବନ ସିଙ୍ଗ(ରାଜସ୍ଥାନ)ଙ୍କ ସହିତ ଦୁଇଟି ମୁକାବିଲା ଦେଖିବାକୁ ମିଳିଥିଲା। ଯେଉଁଠିରେ ୧୫ତମ ସିଡ୍ ଆକର୍ଷିତ ଶର୍ମା(ପାବ)୨୧-୧୩, ୨୧-୧୧ ଏବଂ ସନି ନେହେରା(ହରିୟାଣା) ୧୬ତମ ସିଡ୍ ସୌର୍ଯ୍ୟ ପ'ଙ୍କୁ(ଉତ୍ତରାଖଣ୍ଡ) ୨୧-୧୯, ୧୭-୨୧, ୨୧-୧୫ ସହ ବାହାରର ରାସ୍ତା ଦେଖାଇଥିଲେ।

# ମାଇକ୍ରୋଫାଇନାନ୍ସ - କେବଳ ଋଣ ପ୍ରଦାନରେ ସୀମିତ ନୁହେଁ

ଭୁବନେଶ୍ୱର: ଆମ ରାଜ୍ୟ ଓଡ଼ିଶାରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଗୋଷ୍ଠୀଗୁଡ଼ିକୁ, ମାଇକ୍ରୋ ଫାଇନାନ୍ସଗୁଡ଼ିକ କୌଣସି ବନ୍ଧକ ବ୍ୟତୀତ ଋଣ ପ୍ରଦାନକରି ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଛନ୍ତି। ରାଜ୍ୟର ଦୁର୍ଗମ ଜିଲ୍ଲାଗୁଡ଼ିକରେ ଯେଉଁଠାରେ ଲୋକେ ଋଣ ବା କ୍ରେଡିଟର ସୁବିଧା ପାଉନଥିଲେ ଏହା ସେମାନଙ୍କୁ କେବଳ ଉପାର୍ଜନର ସୁଯୋଗ ପ୍ରଦାନ କରିନାହିଁ ସେମାନଙ୍କୁ ଦେଶର ବିକାଶ ସହିତ ତାଳ ଦେଇ ଆଗେଇ ଯିବାରେ ସହାୟକ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଋଣଗ୍ରହିତାମାନେ ମନେ ପକାଇଥିଲେ କିପରି ଭାବରେ ଫନିର ତାଣ୍ଡବଲୀଳା ପରେ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ସହାୟତାର ହାତ ବଢ଼ାଇଥିଲେ। ରିଲିଫ୍ ସୁବିଧା ପହଂଚିବା ପୂର୍ବରୁ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ରିଲିଫ୍ ପ୍ରଦାନ କରିଥିଲେ। ଖୋର୍ଦ୍ଧାର ବବିତା ସେନାପତି କହିଁ, 'ମୁଁ ମୋର ସବୁକିଛି ହରାଇଥିଲି ଏବଂ କ'ଣ କରିବି କିଛି ଜାଣିପାରୁନଥିଲି। ସତ୍ୟ ମାଇକ୍ରୋ କ୍ୟାପିଟାଲର୍ ଲୋନ୍ ଅଫିସର, ଯେଉଁଠାରୁ ମୁଁ ଋଣ ନେଇଥିଲି, ମୋତେ ବହୁତ ସାହାଯ୍ୟ କଲେ। ସେ ମୋତେ ଋଣ ପରିଶୋଧ କରିବା ପାଇଁ କହିନଥିଲେ ବରଂ ସେ କିପରି ମୋତେ ସାହାଯ୍ୟ କରିପାରିବେ ପଚାରିଥିଲେ। ଏହା ମୋ ହୃଦୟକୁ ଛୁଇଁଗଲା।' ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନ୍ୟତମ ସବୁଠାରୁ ପୁରୁଣା ମାଇକ୍ରୋଫାଇନାନ୍ସ

# ଭୁବନେଶ୍ୱରର ସୌଭାଗ୍ୟ ଲକ୍ଷ୍ମୀ ରାଉତ ଇଣ୍ଟେରିୟର ଡିଜାଇନ ବର୍ଗରେ ଲାକ୍‌ମୀ ଫ୍ୟାଶନ ୱିକ୍‌କୁ ମନୋନୀତ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଫ୍ୟାଶନ ଓ ଲାଇଫଷ୍ଟାଇଲ କାର୍ଯ୍ୟକ୍ରମ ଲାକ୍‌ମୀ ଫ୍ୟାଶନ ୱିକ୍‌ରେ ଯୋଗଦେବା ପାଇଁ ଆଇଏନ୍‌ଆଇଏଫ୍‌ଡି ଫ୍ୟାଶନ ଓ ଇଣ୍ଟେରିୟର ଡିଜାଇନ୍‌ର ଛାତ୍ରଛାତ୍ରୀମାନେ ଆଞ୍ଚଳିକ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି। ଏଥିରେ ଭୁବନେଶ୍ୱର ସେଣ୍ଟରରୁ ସୌଭାଗ୍ୟଲକ୍ଷ୍ମୀ ରାଉତ ଇଣ୍ଟେରିୟର ଡିଜାଇନ ବର୍ଗରେ ଲାକ୍‌ମୀ ଫ୍ୟାଶନ ୱିକ୍ ପାଇଁ ମନୋନୀତ ହୋଇଛନ୍ତି। ଆଇଏନ୍‌ଆଇଏଫ୍‌ଡି ଓ ଆଇଏମ୍‌ଜି ରିଲାଏନ୍ସ ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାସ୍‌ନାଲ ଠାରେ ଏକ ସ୍ୱତନ୍ତ୍ର ମଞ୍ଚର ଆୟୋଜନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଡିଜାଇନ୍ ଫେଷ୍ଟିଭାଲରେ ଲାକ୍‌ମୀ ଫ୍ୟାଶନ ୱିକ୍‌ରେ ସିଧାସଳଖ ପ୍ରବେଶ ପାଇଁ ଆଇଏନ୍‌ଆଇଏଫ୍‌ଡିର ଉଦୀୟମାନ ଫ୍ୟାଶନ ଡିଜାଇନର ଓ ଇଣ୍ଟେରିୟର ଡିଜାଇନରମାନଙ୍କ ଦ୍ୱାରା ଏକ ଟକ୍‌ଶୋ' ସହ ଏକ ସ୍ୱତନ୍ତ୍ର କ୍ୟୁରେଟେଡ୍ 'ନଲେଜ୍‌ସିରିଜ୍' ଏବଂ ଡିଜାଇନ୍ ପ୍ରେଜେଣ୍ଟେସନ ପ୍ରଦର୍ଶିତ ହୋଇଛି। ଏହି ଇଣ୍ଟେରିୟର ଡିଜାଇନ୍ କ୍ଷେତ୍ରରେ ଭୁବନେଶ୍ୱର କେନ୍ଦ୍ରର ବିଜେତା ରୂପେ ସୌଭାଗ୍ୟଲକ୍ଷ୍ମୀ ରାଉତ ମନୋନୀତ ହୋଇଥିବାବେଳେ ପ୍ରଥମ ରନର୍ସଅପ ରୂପେ ଏମଡି.ଗୁଲସନ ଏବଂ ଦ୍ୱିତୀୟ ରନର୍ସଅପ ରୂପେ ଜଗଜିତ କୌର ମୋନୀନିତ ହୋଇଛନ୍ତି। ସେହିଭଳି ଫ୍ୟାଶନ ଡିଜାଇନ୍ କ୍ଷେତ୍ରରେ ବିଜେତା ରୂପେ ସାଦିଆ ରିଜୱାନା ମୋନୀନିତ ହୋଇଥିବାବେଳେ ପ୍ରଥମ ରନର୍ସଅପ ରୂପେ ସିଫା ସୟଦ ଏବଂ ଦ୍ୱିତୀୟ ରନର୍ସଅପ ରୂପେ ମହିମା ମେହରୋତ୍ରା ମନୋନୀତ ହୋଇଛନ୍ତି। ମନୋନୀତ ଫ୍ୟାଶନ ଡିଜାଇନ୍ ଛାତ୍ରଛାତ୍ରୀମାନଙ୍କୁ ଲାକ୍‌ମୀ ଫ୍ୟାଶନ ୱିକ୍ ସମୟରେ ଆଇଏନ୍‌ଆଇଏଫ୍‌ଡି ଲଞ୍ଚ୍‌ପ୍ୟାଡ୍‌ର ପ୍ରମୁଖ ଶୋ' ଏରିଆରେ ପ୍ରଦର୍ଶନ କରିବାର ଏକ ସ୍ୱତନ୍ତ୍ର ସୁଯୋଗ ମିଳିବ ଏବଂ ମନୋନୀତ ଇଣ୍ଟେରିୟର ଡିଜାଇନ୍ ଛାତ୍ରଛାତ୍ରୀଙ୍କୁ ଲାକ୍‌ମୀ ଫ୍ୟାଶନ ୱିକ୍‌ର ମୁଖ୍ୟ ଶୋ ଏରିଆରେ ନିର୍ଦ୍ଦିଷ୍ଟ ଡିଜାଇନରଙ୍କ ଶୋ'ରେ ସେଟ୍ ଡିଜାଇନ୍ କରିବାର ସୁଯୋଗ ମିଳିବ। ଏହାର ଡିଜାଇନ୍ ବିଜେତାମାନେ ଆଇଏମ୍‌ସି ରିଲାଏନ୍ସଠାରୁ କ୍ୟାସ ପ୍ରାଇସରେ ପୁରସ୍କୃତ ହେବା ସହ ଡିଜାଇନ ଏକ୍ସପର୍ଟମାନଙ୍କ ଅଧୀନରେ ପ୍ରଶିକ୍ଷିତ ହେବାର ସୁଯୋଗ ମଧ ପାଇପାରିବେ। ଡିଜାଇନ୍ ପ୍ରେଜେଣ୍ଟେସନରେ ସେଲିବ୍ରିଟି ଜୁରୀରେ ଥିବା ବଲିଉଡ ଅଭିନେତ୍ରୀ ସୋନାଲି ସୈଗଲ ଆଇଏନ୍‌ଆଇଏଫ୍‌ଡି ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଦେଖି ଅତ୍ୟଧିକ ପ୍ରଭାବିତ ହୋଇଥିଲେ। କ୍ୟୁରେଟେଡ୍ ଟକ୍ ଶୋ' ପାଇଁ ଶୀର୍ଷ ପ୍ୟାନେଲିଷ୍ଟମାରେ ନିଜର ମୂଲ୍ୟବାନ ଅଭିଜ୍ଞତା ଓ ଜ୍ଞାନ ବାଣ୍ଟିବା ପାଇଁ ଏହି ପ୍ୟାନେଲରେ ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ପାୟଲ ପ୍ରତାପ, ଫେନୋଟାଇପ୍ ଆର୍କିଟେକ୍‌ଚର ଷ୍ଟୁଡିଓର ସଂସ୍ଥାପକ ଅନିକା କୋଚ୍ଚର, ଟିଭି ଓ ଓଟିଟି ବ୍ୟକ୍ତିତ୍ୱ ନୀରଜ ଗାବା, ଆଇଏମ୍‌ଜି ରିଲାଏନ୍ସର ଦ ଭଏସ ଅଫ୍ ଫ୍ୟାଶନର ଏଡିଟର ସେଫାଳି ବାସୁଦେବ ପ୍ରମୁଖ ସାମିଲ ଥିଲେ। ଏହା ବ୍ୟତୀତ ବଲିଉଡ୍ ଓ ଡେଲିସୋପ୍ ଅଭିନେତା ତଥା ମଡେଲ ଅମନ ବର୍ମା ନିଜ ଆକର୍ଷଣୀୟ ପ୍ରତିଭା ମାଧ୍ୟମରେ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ୟୁଏସଆଇବିସିର ଗ୍ଲୋବାଲ ବୋର୍ଡରେ ନିଯୁକ୍ତି ପାଇଲେ ଟେଫର ଅଧ୍ୟକ୍ଷ ମଲ୍ଲିକା ଶ୍ରୀନିବାସନ

ଭୁବନେଶ୍ୱର: ଟ୍ରାକ୍ଟର ଆଣ୍ଡ ଫାର୍ମ ଇକ୍ୟୁପମେଣ୍ଟର ଅଧ୍ୟକ୍ଷ ମଲ୍ଲିକା ଶ୍ରୀନିବାସନଙ୍କୁ ଆମେରିକା ଚାମ୍ବର ଅଫ କମର୍ସର ୟୁଏସ-ଇଣ୍ଡିଆ ବିଜନେସ କାଉନସିଲ(ୟୁଏସଆଇବିସି)ର ଗ୍ଲୋବାଲ ବୋର୍ଡରେ ନିଯୁକ୍ତ କରାଯାଇଛି। ୟୁଏସଆଇବିସିର ୩୫ ସଦସ୍ୟ ବୋର୍ଡରେ ସିଇଓମାନଙ୍କର ଏବଂ ପରିଚାଳକମାନଙ୍କର ଏହି ପ୍ରତିଷ୍ଠିତ ସାରଣୀରେ ସେ ସାମିଲ ପରଠାରୁ ହିଁ ତାଙ୍କ ନିଯୁକ୍ତି ପ୍ରଭାବକାରୀ ହୋଇଯାଇଛି। ୟୁଏସଆଇବିସିରେ ନିଜର ପ୍ରବେଶ ସମ୍ପର୍କରେ ମଲ୍ଲିକା ଶ୍ରୀନିବାସନ କହିଛନ୍ତି ଯେ, 'ୟୁଏସଆଇବିସି ବାଣିଜ୍ୟର ଗୋଟିଏ ପ୍ରମୁଖ ସ୍ୱର ହୋଇ ରହିଆସିଛି ଯାହା ଭାରତ ଏବଂ ଆମେରିକାର ବାଣିଜ୍ୟ ଓ ସରକାରଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କକୁ ପରିଚାଳିତ କରୁଛି। ଆମେରିକୀୟ ଏବଂ ଭାରତୀୟ କର୍ପୋରେଟମାନଙ୍କ ମଧ୍ୟରେ ଏକ ଦୃଢ଼ ଆର୍ଥନୀତିକ ସହଯୋଗର ଲାଭ ଉପରେ ଟେଫର ପ୍ରଦର୍ଶନମୂଳକ ବିଶ୍ୱାସ ଏବଂ ଯାନ୍ତ୍ରିକରଣ ଓ କୃଷି ବିକାଶ ଉପରେ ଆମର ଧ୍ୟାନକୈନ୍ଦ୍ରିକତା ସହିତ ଅର୍ଥବ୍ୟବସ୍ଥାକୁ ସମୃଦ୍ଧ କରିବା ନିମନ୍ତେ ୟୁଏସଆଇବିସିର ସ୍ୱତନ୍ତ୍ର ପଦକ୍ଷେପରେ ସକ୍ରିୟତାର ସହ କାର୍ଯ୍ୟ କରିବାର ସୁଯୋଗକୁ ଚାହିଁ ରହିଛି। ଯାହାଦ୍ୱାରା ଭାରତ ଏବଂ ଆମେରିକା ମଧ୍ୟରେ ଏକ ମଜବୁତ ଆର୍ଥନୀତିକ ସହବନ୍ଧିତା ସ୍ଥାପନ ହେବ।'ମଲ୍ଲିକା ଶ୍ରୀନିବାସନ ଏଜିସିଓ କର୍ପୋରେସନର ବୋର୍ଡରେ -ୟୁଏସଏ, ଟାଟାଷ୍ଟିଲ ଲିମିଟେଡ ଏବଂ ଟାଟା ଗ୍ଲୋବାଲ ବିଭରେଜେସ ଲିମିଟେଡରେ ସାମିଲ ରହିଛନ୍ତି। ଇଣ୍ଡିଆନ ସ୍କୁଲ ଅଫ ବିଜନେସ, ହାଇଦ୍ରାବାଦ, ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁସନ ଅଫ ଟେକ୍ନୋଲୋଜିର ଗଭର୍ଣ୍ଣିଙ୍ଗ ମୋର୍ଡ, ଚେନ୍ନାଇ, ଏବଂ ଭାରତଦାଶନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ, ତ୍ରିଚିର ସେ ଜଣେ ସଦସ୍ୟ।

## ସୁରକ୍ଷା ପଦ୍ଧତିରେ ଉତ୍କୃଷ୍ଟତା ପାଇଁ ଟାଟା ଷ୍ଟିଲ୍‌ର ଖଣି ଓ କଲିଏରୀ ଗୁଡ଼ିକୁ ଜାତୀୟ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର: ଉତ୍କୃଷ୍ଟ ସୁରକ୍ଷା ପଦ୍ଧତି ଗ୍ରହଣ କରିଥିବା ଟାଟା ଷ୍ଟିଲ୍‌ର ବିଭିନ୍ନ ଖଣି ଓ କଲିଏରି ଗୁଡ଼ିକୁ ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୫ ଓ ୨୦୧୬ ବର୍ଷ ପାଇଁ ବିଭିନ୍ନ ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍‌ର ଯୋଡ଼ା ଇଷ୍ଟ ଆଇରନ୍ ମାଇନ୍ ଓ ଭେଲାଡାଣ୍ଡ ଆମାଲଗାମେଟେଡ୍ କଲିଏରିକୁ ୨୦୧୫ ବର୍ଷ ଏହି ପୁରସ୍କାର ମିଳିଛି। ସେହି ସମୟରେ ୨୦୧୬ ବର୍ଷ ପାଇଁ ଦିଗୱାହିଦ କଲିଏରି, ସୁକିନ୍ଦା କ୍ରୋମାଇଟ ଖଣି, ଯୋଡ଼ା ୱେଷ୍ଟ ଆଇରନ୍ ଆଣ୍ଡ୍ ମାଙ୍ଗାନିଜ ମାଇନ ଓ ଯୋଡ଼ା ଇଷ୍ଟ୍ ଆଇରନ୍ ମାଇନ୍‌କୁ ଏହି ପୁରସ୍କାର ମିଳିଛି। ଏହି ପୁରସ୍କାରଗୁଡ଼ିକୁ ନେଇ ଖୁସି ଜାହିର କରି ଟାଟା ଷ୍ଟିଲ୍‌ର ର-ମାଟେରିଆଲସ୍ ବିଭାଗର ଉପସଭାପତି ଶ୍ରୀଯୁକ୍ତ ଡି ବି ସୁନ୍ଦର ରାମମ କହିଛନ୍ତ ଯେ, 'ଶ୍ରେଷ୍ଠ ମାନର ସୁରକ୍ଷା ପଦ୍ଧତି ଲାଗି ଆମର ଉଦ୍ୟମକୁ ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରାଯାଇଥିବାରୁ ଆମେ ବହୁତ ଖୁସି। ସୁରକ୍ଷା ଆମ ପାଇଁ ଶ୍ରେଷ୍ଠ ପ୍ରାଥମିକତା ଏବଂ ଆମର ସମସ୍ତ କାରବାର ଅଂଚଳରେ ସୁରକ୍ଷା, ବୃତିଗତ ସୁରକ୍ଷା ଓ ପରିବେଶ ନିୟମକୁ ପାଳନ କରିବା କ୍ଷେତ୍ରରେ ନିରନ୍ତର ଉନ୍ନତି ଆଣିବା ଲାଗି ପ୍ରତିବଦ୍ଧ। ଆମର ଖଣି ଓ କଲିଏରି ଗୁଡ଼ିକରେ ସୁରକ୍ଷା ମାନକରେ ଉନ୍ନତି ଆଣିବା ଲାଗି ଆମେ ଡିଜିଟାଲ୍ ପଦକ୍ଷେପ ଓ ନୂତନତ୍ୱ ଉପରେ ଗୁରୁତ୍ୱ ଦେଉଛୁ। ଏହି ସ୍ୱୀକୃତି ଆମକୁ ଆମର କର୍ମ କ୍ଷେତ୍ରଗୁଡ଼ିକରେ ଓ ଆଖପାଖରେ ସୁରକ୍ଷାର ସଂସ୍କୃତିକୁ ଆହୁରି ସୁଦୃଢ଼ କରିବାକୁ ଆମକୁ ଉତ୍ସାହିତ କରିବ।'' ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଆୟୋଜନ କରାଯାଇଥିବା କାର୍ଯ୍ୟକ୍ରମରେ ଉପ ରାଷ୍ଟ୍ରପତି ଶ୍ରୀଯୁକ୍ତ ଏମ୍ ଭେଙ୍କୟା ନାଇଡୁଙ୍କ ଠାରୁ ଟାଟା ଷ୍ଟିଲ୍‌ର ଅଧିକାରୀ ଯଥା ଝରିଆ ବିଭାଗର ମହାପ୍ରବନ୍ଧକ ଶ୍ରୀଯୁକ୍ତ ସଂଜୟ ରାଜୋରିଆ, ଜେଇଆଇଏମ୍ ଚିଫ୍ ଶ୍ରୀଯୁକ୍ତ ରାଜେଶ କୁମାର, ସୁକିନ୍ଦାର ଚିଫ୍ ମାଇନିଂ ଶ୍ରୀଯୁକ୍ତ ରାଜେଶ ପଟେଲ୍, ଯୋଡ଼ା

## ଉଷା ମିଷ୍ଟି ୱାଟର ହିଟର ରେଂଜ କୁ ବଢାଇଲା ,ଏହାକୁ ଆହୁରି ସୁନ୍ଦର ବନାଇଲ।

ନୂଆଦିଲ୍ଲୀ : ଭାରତର ଅଗ୍ରଣୀ କଂଜ୍ୟୁମର ବ୍ରାଣ୍ଡ ଉଷା ଗ୍ରାହାକ ମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ମିଷ୍ଟି ୱାଟର ହିଟର କୁ ନୁଆ ରୁପ ଦେଇଛି। କମ୍ପାନୀ ହିଟର୍ସ ର ଏହି ରେଂଜରେ ରଂଗ ଏବଂ ଫ୍ଲୋରେଲ ର ମିଶ୍ରଣ କରି ଏହି ଉତ୍ପାଦକୁ ସରସ ସୁନ୍ଦର କରି ଏହାର ବଜାର ପ୍ରବେଶ କରାଇଚି। ନୁଆ ଉଷା ମିଷ୍ଟି ଶୃଙ୍ଖଳାର ଡିଜାଇନ ସିଲିଂଡ୍ରିକାଲ ସହିତ କଂପାକ୍ଟ ସାଇଜ ଓ ଫୁଲ ଭଳି ସଜ୍ଜିତ ସୁନ୍ଦର ରଂଗରେ ହରିଜେଂଟାଲ ତଥା ଭଟିକାଲ ମଡେଲ ରେ ଉପଲବ୍ଧ। ନୁଆ ମିଷ୍ଟି ୱାଟର ହିଟର ୫ ଷ୍ଟାର ରେଟିଂରେ ଆସିବା ସହିତ ଉନ୍ନତ ଟେକ୍ନୋଲୋଜି ରେ ଭବିଷ୍ୟ ତ ପାଇଁ ପ୍ରସ୍ତୁତ କାରଯାଇଛି। ଏହି ହିଟର୍ସ ରେ କପର ହିଟିଂଗ ଏଲିମେଂଟ ରେ ପ୍ରସ୍ତୁତ ହୋଇଛି ଯାହାକି ଶୀଘ୍ର ରେ ଗରମ ଦେବା ସହିତ ପିଉଏଫ ପାଣିକୁ ଅଧିକ ସମୟ ଗରମ ରଖେ। ଉଷା ପାଖରେ ମଝଭୁତ କ୍ୟାଟୋଗୋରୀ ରେ ଉଷା ମିଷ୍ଟି,ଏକା ଜୀନୀ ବବ ଡିଜିଟାଲ,କାଡୋ, ଇନଷ୍ଟା ଏବଂ ଇନଷ୍ଟାଫ୍ରେଶ ଶାମିଲ ଅଛି। ନୁଆ ଲଂଚ କାରଯାଇ ଥିବାର ଉଷାର ଷ୍ଟୋରେଜ ୱାଟର ହିଟର୍ସ ଶୃଙ୍ଖଳା ରେ ବିସ୍ତାର ସହିତ ଅନେକ ରଂଗ ସହିତ ନିମ୍ନ ଲିଖିତ ୬ ରୁ ୫୦ ଲିଟର ଷ୍ଟୋରେଜ କ୍ଷମତାରେ ଉପଲବ୍ଧ। ଉଷା ମିଷ୍ଟି ହିଟର ଟ୍ୟାଙ୍କ ଉପରେ ୭ ବର୍ଷ ସହିତ ଏଲିମେଂଟ ରେ ୩ ବର୍ଷ ଏବଂ ଉତ୍ପାଦ ୨ ବର୍ଷ ଗ୍ୟାରେଂଟି ଦେଇଛି।

# ରିଅଲ୍‌ମିର ପକ୍ଷରୁ ଏହାର ନୂତନ ସ୍ମାର୍ଟଫୋନ ଏବଂ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଆଜି ଏହାର ନୂତନ ଶକ୍ତିଶାଳୀ ସ୍ମାର୍ଟଫୋନ୍ ରିଅଲ୍‌ମି ଏକ୍ସ୨ ଲଞ୍ଚ କରାଯାଇଛି ଏବଂ ଏହା ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ପାଇଁ ନିଜର ନୂତନ ସର୍ବୋତ୍ତମ ୱାୟାରଲେସ୍ ଇୟରଫୋନ୍ ରିଅଲ୍‌ମି ବଡ୍‌ସ ଏୟାର ସହ ନିଜ ଆକ୍ସେସରି ପୋର୍ଟଫୋଲିଓକୁ ବିସ୍ତାର କରିଛି। ଯୁବପୀଢୀଙ୍କ ଜୀବନଶୈଳୀକୁ ଉନ୍ନତ କରୁଥିବା ମଜବୁତ ଉତ୍ପାଦ ଡେଲିଭରି କରିବାର ଲକ୍ଷ୍ୟ ସହ ବ୍ରାଣ୍ଡକୁ ପ୍ରମୁଖ ଟେକ୍ ଲାଇଫଷ୍ଟାଇଲ ବ୍ରାଣ୍ଡରେ ପରିଣତ କରିବା ପାଇଁ ଏହି ଉତ୍ପାଦଗୁଡିକ ହେଉଛନ୍ତି ପ୍ରମାଣପତ୍ର ସଦୃଶ। ବ୍ରାଣ୍ଡର ବିଚାରଧାରା 'ଡେୟାର ଟୁ ଲିପ୍'କୁ ପାଳନ କରି ରିଅଲ୍‌ମି ବଡ୍‌ସ ଏୟାର ବାସ୍ତବରେ ୱାୟାରଲେସ୍‌ର ହେବାର ଧାରଣାକୁ ଆଗକୁ ବଢାଉଛି। ରିଅଲ୍‌ମି ବଡ୍‌ସ ଏୟାରରେ ସୁପର୍ ଲୋପ ଲାଟେନ୍ସି କଷ୍ଟମ ଆରୱାନ୍ ଚିପ୍ ଓ ବ୍ଲୁଟୁଥ୍ ୫.୦ ରହିଛି ଯାହା ଏହାକୁ ସ୍ମାର୍ଟଫୋନ୍ ଓ ଇୟରବଡ୍‌ସ ମଧ୍ୟରେ ଦ୍ୱରିତ ଓ ସ୍ଥାୟୀ ସଂଯୋଗ ସ୍ଥାପନ କରିବାରେ ସହଯୋଗ କରିଥାଏ। ଏଥିରେ ୧୨ ଏମ୍‌ଏମ୍ ଡାଇନାମିକ୍ ବାସ୍ ବୁଷ୍ଟ ଡ୍ରାଇଭର, ୧୭ ଘଣ୍ଟାର ମ୍ୟୁଜିକ୍ ପ୍ଲେବ୍ୟାକ୍, ଆକ୍ସେସିବୁଲ ସ୍ମାର୍ଟ କଣ୍ଟ୍ରୋଲ, ଏନ୍‌ଭାୟରନମେଣ୍ଟ ନଏଜ୍ କ୍ୟାନ୍‌ସେଲେସନ୍ ଭଳି ସୁବିଧା ରହିଛି। ଏହାର ବଜାର ମୂଲ୍ୟ ୩୯୯୯ ଟଙ୍କା ରହିଥିବା ବେଳେ ଏହା ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ସହ କ୍ଲାସିକ୍ ରିଅଲ୍ ମି କଲର ୟେଲୋରେ ଉପଲବ୍ଧ ହେଉଛି। ଏହି ୱାୟାରଲେସ୍ ଇୟରବଡ୍‌ସ ପାଇଁ ଅପେକ୍ଷା କରିପାରୁନଥିବା ଗ୍ରାହକଙ୍କ ପାଇଁ ରିଅଲ୍‌ମି ରିଅଲ୍‌ମି ଡଟ୍ କମ୍ ଓ ଫ୍ଲିପ୍‌କାର୍ଟ ଡଟ୍ କମ୍‌ରେ ଆଜି ଦ୍ୱିପହର ୨ଟାରୁ 'ହେଡ୍ ଟୁ ୱେଟ୍' ସେଲ୍‌ଆରମ୍ଭ କରିଛି। ରିଅଲ୍‌ମି ବଡ୍‌ସ ଏୟାର୍‌ର ପରବର୍ତ୍ତୀ ସେଲ୍ ଆସନ୍ତା ୨୩ ଡିସେମ୍ବର ଦିନ ୧୨ଟାରୁ ରିଅଲ୍‌ମି ଡଟ୍ କମ୍ ଓ ଫ୍ଲିପ୍‌କାର୍ଟ ଡଟ୍ କମ୍‌ରେ ଏବଂ ଖୁବ୍‌ଶୀଘ୍ର ଅଫ୍‌ଲାଇନ୍ ଷ୍ଟୋରଗୁଡିକରେ ଅରମ୍ଭ ହେବ। ରିଅଲ୍‌ମି ଏକ୍ସଟିର ଏକ ଅପ୍‌ଗ୍ରେଡ୍ ଏବଂ ନୂଆ ରିଅଲ୍‌ମି ଏକ୍ସ୨ ୨.୨ ଜିଏଚ୍‌ଜେଡ୍ ସିପ୍ପି ସହ ୮ଏନ୍‌ଏମ୍ କ୍ୱିୟୋ ଅକ୍ଟାକୋର୍ ସ୍ନାପ୍‌ଡ୍ରାଗନ୍ ୭୩୦ଜି ଦ୍ୱାରା ପରିଚାଳିତ। ଏଥିରେ ୪ର୍ଥ ପୀଢୀର ଏଆଇ ଇନ୍ ଓ ମେସିନ ଭିଜନ ଫଙ୍କସନ୍ ରହିଛି। ଏହାଛଡା ଏଥିରେ ଆଡ୍ରେନୋ ୬୧୮ ଜିପିୟୁର ନୂତନ ସଂସ୍କରଣ ରହିଛି ଯାହା ଆକର୍ଷଣୀୟ ପ୍ରଦର୍ଶନ ଓ ଅଲ୍ଟିମେଟ୍ ଗେମିଙ୍ଗ୍ ସୁବିଧା ସୁନିଶ୍ଚିତ କରିଥାଏ। ରିଅଲମି ଏକ୍ସ୨ରେ ୪୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ସହ ଲୋ ଭୋଲ୍‌ଟେଜ୍ ଓ ହାଇ କରେଣ୍ଟ ୩୦ଡବ୍ଲ୍ୟୁ ଭିଓଓସି ଫ୍ଲାସ୍ ଚାର୍ଜ୪.୦ ରହିଛି ଯାହା ଅନ୍ୟ ମିଡ୍‌ରେ ସ୍ମାର୍ଟଫୋନ୍‌ଗୁଡିକ ତୁଳନାରେ ସର୍ବାଧିକ ସ୍ପିଡ୍‌ରେ ଚାର୍ଜ ହୋଇଥାଏ। ଏହାର ୩ଟି ସଂସ୍କରଣ ୪+୬୪ ଜିବି, ୬+୧୨୮ ଜିବି ଓ ୮+୧୨୮ ଜିବିରେ ଯଥାକ୍ରମେ ୧୬୯୯୯ ଟଙ୍କା, ୧୮୯୯୯ ଟଙ୍କା ଓ ୧୯,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ବଜାରରେ ଏହା ପର୍ଲ ଗ୍ରୀନ୍, ପର୍ଲ ହ୍ୱାଇଟ୍ ଓ ପର୍ଲ ବ୍ଲୁ କଲରେ ଉପଲବ୍ଧ। ନୂଆ ରିଅଲ୍‌ମି ଏକ୍ସ୨ ଆସନ୍ତା ୨୦ ଡିସେମ୍ବର ୨୦୧୯ ଦିନ ୧୨ଟାରୁ ରିଅଲ୍‌ମି ଡଟ୍ କମ୍, ଫ୍ଲିପ୍‌କାର୍ଟ ଡଟ୍ କମ୍ ଓ ଅଫ୍‌ଲାଇନ୍ ଷ୍ଟୋରଗୁଡିକରେ ବିକ୍ରି ପାଇଁ ଉପଲବ୍ଧ ହେବ। ରିଅଲ୍‌ମି ଡଟ୍ କମ୍‌ରେ ଏହି ସ୍ମାର୍ଟଫୋନ୍ କିଣିଲେ ଗ୍ରାହକ ୧୦% ବା ୧୦୦୦ ଟଙ୍କା ପର୍ଯ୍ୟନ୍ତ ସୁପରକ୍ୟାସ୍ ଏବଂ ମୋବିକ୍ୱିକ୍‌ରେ ୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ପାଇପାରିବେ। ସେହିପରି ଏହି ସ୍ମାର୍ଟଫୋନ୍‌କୁ ଫ୍ଲିପ୍‌କାର୍ଟରୁ କିଣିଲେ ଗ୍ରାହକ ସମସ୍ତ ଆଇସିଆଇସିଆଇ କ୍ରେଡିଟ୍ କାର୍ଡ ଉପରେ ୧୫୦୦ ଟଙ୍କାର ଛାଡ ଏବଂ ସମସ୍ତ ବ୍ୟାଙ୍କର ଡେବିଟ୍ ଓ କ୍ରେଡିଟ୍ କାର୍ଡ ଉପରେ ୬ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍‌ଆଇ ସୁବିଧା ପାଇପାରିବେ। ଏଥିସହିତ ଗ୍ରାହକ ୧୧,୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଜିଓ ଅଫର୍ ଲାଭ ପାଇପାରିବେ ଯାହା ରିଅଲ୍‌ମି ଡଟ୍ କମ୍, ଫ୍ଲିପ୍‌କାର୍ଟ ଓ ଅଫ୍‌ଲାଇନରେ ଉପଲବ୍ଧ ହେବ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray